
# ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ
# ଓ
# ବାରୁଣୀତୀର୍ଥ



ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ
# ଓ
# ଯାତ୍ରା ତୀର୍ଥ

ଇନ୍ଦୁପୁର

୧୪୦୯ ସାଲ ବୈଶାଖ ଦି୩୦ନ ଗାନ୍ଧାରୀ ଏକାଦଶୀ ବୁଧବାର ଠାରୁ ଜ୍ୟେଷ୍ଠ ଦି୩ନ ଚନ୍ଦନ ପୂର୍ଣ୍ଣମା ରବିବାର ୨୦୦୨ ମଇ ୨୬ ତାରିଖ ପର୍ଯ୍ୟନ୍ତ


ଦ୍ୱିତୀୟ ସଂସ୍କରଣ : କେଶବାବ୍ଦ-୫୨, ଆବିର୍ଭାବ ମହୋତ୍ସବ

ଅକ୍ଷର ସଜ୍ଜା : ରସଦ୍ ଏଡ୍ ଏଜେନ୍ସି, କଟକ

ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।
ଫୋନ୍ - ୦୬୭୧-୨୬୬୭୧୦୧


ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

ଓଁ

# ନମୋ ଭଗବତେ କେଶବଚନ୍ଦ୍ରାୟ

ଓଁ ପର୍ଯ୍ୟଙ୍କୀ କୃତନାଗନାୟକଫଣା ଶ୍ରେଣୀ ମଣିନାଂ ଗଣେ,
ସଂକ୍ରାନ୍ତ ପ୍ରତିବିମ୍ବ ସଙ୍କଳନୟା ବିଭ୍ରଦ୍ ବପୁର୍ବିକ୍ରୀୟାମ୍ ।
ପାଦାମ୍ଭୋ ରୁହ ଧାରି ବାରିଧି ସୁତାମକ୍ଷାଣାଂ ଦିଦୃକ୍ଷୁଃ ଶତୈଃ,
କାୟବ୍ୟୁହମିବାଚରନ୍ନୁ ପଚିତାକୂତୋ କେଶବଃ ପାତୁବଃ ।।

ଧ୍ୟେୟଂ ସଦା ପରିଭବଘ୍ନମଭିଷ୍ଟ ଦୋହଂ
ତୀର୍ଥାସ୍ପଦଂ ଶିବ ବିରଞ୍ଚିନୂତଂ ଶରଣ୍ୟଂ
ଭୃତ୍ୟାର୍ତିହଂ ପ୍ରଣତପାଳ ଭବାବ୍ଧିପୋତଂ
ବନ୍ଦେ ସୁକାନ୍ତି ସୁତ ତେ ଚରଣାରବିନ୍ଦଂ ।
ତ୍ୟକ୍ତ୍ୱାସୁଦୁସ୍ତ୍ୟଜ ସୁରେପ୍‌ସିତ ରାଜ୍ୟଲକ୍ଷ୍ମୀଂ
ଧର୍ମିଷ୍ଠ ଆର୍ଯ୍ୟ ବଚସା ଯଦଗାଦରଣ୍ୟଂ,
ମାୟାମୃଗଂ ଦୟିତ୍ୱୟେପ୍‌ସିତ ମନ୍ଧାବଦ୍
ବନ୍ଦେ ସୁକାନ୍ତି ସୁତ ତେ ଚରଣାରବିନ୍ଦଂ ।

ବାରୁଣୀତୀର୍ଥ କଇବଲ୍ୟ ପୀଠମ୍, ସ୍ୱୟଂପଣ୍ଡିତଂ ପରମପୁରୁଷମ,
ସ୍ମରାମି ପ୍ରଭୁ ! ତବକୃପାବିନ୍ଦୁ, ଜ୍ଞାନରୂପଂ ତ୍ୱାଂ ପ୍ରଣମାମ୍ୟହମ୍ ।
ହେ କେଶବ ! ହେ ଯଦୁନାଥ ସୁତ ! ତ୍ୱମସ୍ୟ ବିଶ୍ୱସ୍ୟ ପରଂନିଧାନଂ,
ହେ ବ୍ରହ୍ମରୂପ ! ହରଦୁଃଖରାଶୀନ୍, ତ୍ରାହି ଦୀନମାଂ ଶରଣଂ ବ୍ରଜାମି ।।

ଧନ୍ୟ ସେ ପରମପୁରୁଷ, ପରମାତ୍ମା, ପରମେଶ୍ୱରଙ୍କ ଅପୂର୍ବ ଲୀଳା । ତାଙ୍କ ନିଜର ଯେପରି ଆଦ୍ୟ ନାହିଁ, ଅନ୍ତ ନାହିଁ, ସେହିପରି ତାଙ୍କ ଇଚ୍ଛାକୃତ ଲୀଳାର ମଧ କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ନାହିଁ, ସୀମା ନାହିଁ, ସଂଜ୍ଞା ମଧ ନାହିଁ । ବ୍ରହ୍ମାଣ୍ଡ ସୃଷ୍ଟି ଆରମ୍ଭରୁ ଅହରହ ନିରବଚ୍ଛିନ୍ନ ଭାବରେ ଗାନକରି ମଧ ବେଦ, ବେଦାନ୍ତ, ଉପନିଷଦ, ପୁରାଣ ତାଙ୍କ ସ୍ୱରୂପ ଓ ଲୀଳାର ପ୍ରକୃତ ସଂଜ୍ଞା, ପରିସୀମା, କାରଣ ନିରୂପଣ କରି ପାରିନାହାନ୍ତି । ତେଣୁ ସେହି ଅଚିନ୍ତ୍ୟ, ଅବର୍ଣ୍ଣନୀୟ, କଳ୍ପନାତୀତ, ବ୍ରହ୍ମାଣ୍ଡନାଥଙ୍କ ରୂପ, ଗୁଣ, ଗାଥା କୀର୍ତ୍ତନ ଅପୂର୍ଣ୍ଣାଙ୍ଗ, ଅସରନ୍ତି ହୋଇ ରହିଅଛି ଏବଂ ଅକଳନ ହୋଇ ରହିଥିବ । ଲୀଳାମୟଙ୍କ ଅବୋଧ ଲୀଳାସମ୍ଭାର ମଧରେ ସବୁଠାରୁ କମନୀୟ, ମଧୁର, ପ୍ରେମମୟ, ଭକ୍ତିରସଯୁକ୍ତ ତଥା କାଳଜୟୀ ସ୍ୱଅଙ୍ଗ ସମ୍ଭୂତ ପ୍ରକୃତି ସ୍ୱରୂପ ଲୀଳା ଯିଏ ଥରେ ବିଶ୍ୱାସରେ ଶ୍ରବଣ କରେ, କରାଏ, ସିଏ ତତ୍‌କ୍ଷଣାତ୍ ନିଜର ସ୍ଥିତି ହରାଇ ଆତ୍ମବିସ୍ମୃତ ହୋଇଯାଏ । ସେହି ଲୀଳା ପର୍ଯ୍ୟାୟର ଏକ ମୁଖ୍ୟ ଅଂଶ- 'ତୀର୍ଥସ୍ନାନ' । ନିଜଦ୍ୱାରା ସୃଷ୍ଟ ମାୟାର ପ୍ରଭାବରେ ମରଜଗତର ଜୀବ ଯେତେବେଳେ ପାପକର୍ମଫଳରେ ଜଡ଼ିତ ହୋଇ ବ୍ରହ୍ମସ୍ଥିତିରୁ ଦୂରେଇଯାଏ, ସେତେବେଳେ ସେହି ପଥରୁ ନିସ୍ତାର ପାଇ ଚୈତନ୍ୟ ପ୍ରାପ୍ତି ସହ ଜନ୍ମମୃତ୍ୟୁଯୁକ୍ତ କାଳଚକ୍ରରୁ ଉଦ୍ଧାର ହେବାପାଇଁ ପରମକାରୁଣିକ ଏକ ବିଚିତ୍ର ତଥା ସହଜ ଉପାୟ ସୃଷ୍ଟି କରିଦେଇଛନ୍ତି । ତନ୍ମଧ୍ୟରୁ କିଛି ଅଂଶ ଆଜିର ଆଲୋଚ୍ୟ ବିଷୟବସ୍ତୁ ଅଟେ ।

ଅବ୍ୟକ୍ତ ବ୍ରହ୍ମ ଅରୂପାନନ୍ଦ ସୃଷ୍ଟି ନିର୍ମାଣ ଓ ନିଜକୁ ସର୍ବବ୍ୟାପକ ଅବସ୍ଥାରେ ସେହି ସୃଷ୍ଟିରେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ନେଇ ସ୍ୱଇଚ୍ଛାରେ ପ୍ରଥମେ ଦ୍ୱିଭୁଜଯୁକ୍ତ ହୋଇ ଅପୂର୍ବକାନ୍ତି ଗ୍ରହଣ କରି ପୁରୁଷ ରୂପରେ ପ୍ରକାଶିତ ହେଲେ । ଏହି ଅନାଦି ପୁରୁଷଙ୍କ ନାମ 'କୃଷ୍ଣ' । ଏପରି ନାମକରଣର ତାତ୍ପର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଜ୍ଞାନୀମାନେ ପୁରାଣ ମାଧ୍ୟମରେ କହିଛନ୍ତି କୃଷ୍ଣ=କୃଷ୍+ଣ । 'କୃଷ' ଶବ୍ଦର ଅର୍ଥ=ବ୍ରହ୍ମଭକ୍ତି । 'ଣ' କାର=ତାହାଙ୍କ (ପରଂବ୍ରହ୍ମଙ୍କର) ଦାସୀ ବା ସେବିକା । ପୁନଶ୍ଚ 'କୃଷ' ଶବ୍ଦ ସର୍ବବାଚକ ସେହି ନିରାମୟ ପରଂବ୍ରହ୍ମ ହୋଇଥିବାରୁ ତାଙ୍କ ନାମ 'କୃଷ୍ଣ' ଅଟେ । ଏହି ନିରାମୟ ପରମପୁରୁଷ 'କୃଷ୍ଣ' ନାମ କେବଳ ଗୋଲୋକାଧିପତି ନିତ୍ୟକୃଷ୍ଣଙ୍କୁ ହିଁ ପରିଚିତ କରାଉଅଛି । ସେହି

ଲୀଳାନାୟକଙ୍କ ଦ୍ୱାପରମର୍ତ୍ତ୍ୟାବତରିତ 'କୃଷ୍ଣ' ନାମ ପରବର୍ତ୍ତୀ ପର୍ଯ୍ୟାୟର ଅଂଶୀୟ ଯୁଗଲୀଳା ଚରିତ ଅଟେ । ଉକ୍ତ ଆଲୋଚିତ ଗୋଲୋକଧାମ କିପରି କେଉଁଠୁ ଉଦ୍ଭବ ହେଲା ?

ପରମପୁରୁଷ, ଅନାଦି, ରାସେଶ୍ୱର କୃଷ୍ଣ, ତାଙ୍କର ଇଚ୍ଛାମତେ ତାଙ୍କରି ଶରୀରରେ ଧାରଣ କରିଥିବା 'ଣ' କାର ଯୁକ୍ତ ସେବିକା ଶକ୍ତି ବା ଭାବକୁ ସ୍ଥୂଳରେ ରୂପାନ୍ତରିତ କରି ନିଜର ବାମଭାଗରୁ ଅତି କମନୀୟ ଅନିନ୍ଦ୍ୟସୁନ୍ଦରୀ ରୂପନେଇ ପ୍ରକୃତି ରୂପ ଧାରଣ କରି ପ୍ରକାଶିତ ହେଲେ । ଏହି ବାମାଙ୍ଗୀଙ୍କ ନାମ 'ପ୍ରକୃତି' ହେବାର କାରଣ ଜ୍ଞାନୀପୁତ୍ରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ନିଜସ୍ୱ ସାଧନ ଅନୁଭବରେ ବର୍ଣ୍ଣନା କରିଛନ୍ତି । ଯଥା: ପ୍ରକୃତି=ପ୍ର+କୃ+ତି । ପ୍ର=ପ୍ରକୃଷ୍ଟ=ସତ୍ତ୍ୱଗୁଣ । କୃ=ରଜୋଗୁଣ । ତି=ତମଗୁଣ । ପୁନରାୟ- ପ୍ର=ପ୍ରକୃଷ୍ଟ=ଉତ୍ତମ; କୃତି=ସୃଷ୍ଟି । ତେଣୁ ତ୍ରିଗୁଣଯୁକ୍ତ ଅତିସୁନ୍ଦର ସୃଷ୍ଟି ହୋଇଥିବାରୁ ତାଙ୍କର ନାମ ପ୍ରକୃତି । ପ୍ରକୃତିଙ୍କ ସୃଷ୍ଟିପରେ ପୁରୁଷ ଶ୍ରେଷ୍ଠ ନିଜର ଅପୂର୍ବ ଲୀଳା ସଂଯୋଜନାରେ ତାଙ୍କ ସହିତ ଅନେକ କାଳ ପର୍ଯ୍ୟନ୍ତ ଆଦିରସ ନିତ୍ୟ ରାହାସରେ ମଗ୍ନ ହୋଇରହିଲେ । ଆଦି ଓ ଅନାଦିଙ୍କର ଉକ୍ତ ନିତ୍ୟରାହାସର ଅନ୍ତକାଳରେ ଶୁଭଲଗ୍ନ ଦେଖି ପୁରୁଷ ବା ଅନାଦି ପ୍ରକୃତି ବା ଆଦିଙ୍କଠାରେ ସୃଷ୍ଟିବୀଜ ନିବେଶିତ କଲେ । ସେହି ସନ୍ଧି ମୁହୂର୍ତ୍ତରେ ଉଭୟ ଅଂଗ ଖେଦଯୁକ୍ତ ହୋଇ ତହିଁରୁ ଅବାରିତ ଗତିରେ ଶ୍ରମଜଳ ବା ସ୍ୱେଦଧାରା ନିର୍ଗତ ହେବାକୁ ଲାଗିଲା ଏବଂ ଉଭୟଙ୍କ ଠାରୁ ଅତ୍ୟନ୍ତ କ୍ଷିପ୍ରଗତିରେ ନିଶ୍ୱାସ, ପ୍ରଶ୍ୱାସ ପ୍ରବାହିତ ହେଲା । ଶ୍ରୀଅଙ୍ଗରୁ ନିର୍ଗତ ଜଳରାଶି ବିରାଟରୂପ ଧାରଣ କରି ଶୂନ୍ୟମଣ୍ଡଳରେ ଏକ ନିର୍ଦ୍ଦିଷ୍ଟ ଅଂଶକୁ ଆଚ୍ଛାଦିତ କଲା । ଏହି ଜଳମଣ୍ଡଳର ନାମ 'ବିଶ୍ୱଗୋଲୋକ' ଅଟେ । ପୁନଶ୍ଚ ଶ୍ୱାସ, ପ୍ରଶ୍ୱାସ ହୋଇ ପ୍ରବାହିତ ହୋଇଥିବା ବେଗର ନାମ 'ବାୟୁ' ବା 'ପବନ' ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ଜଳମଣ୍ଡଳ ଗୋଲୋକର ଅଧିଷ୍ଠାତା ଭାବରେ ପୁରୁଷଙ୍କ (କୃଷ୍ଣଙ୍କ) ଦକ୍ଷିଣ ଭାଗରୁ ଏକ ସୁନ୍ଦର ତେଜୋମୟ ପୁରୁଷ ଉଦ୍ଭବ ହେଲେ । ତାଙ୍କର ନାମ ବରୁଣ । ପୁରୁଷଙ୍କ ବାମ ଅଂଗରୁ ପ୍ରକୃତିଙ୍କ ସୃଷ୍ଟି । ସେହି କ୍ରମରେ ବରୁଣଙ୍କ ବାମଅଙ୍ଗରୁ ପ୍ରକୃତିଙ୍କ ପ୍ରଧାନ ଅଂଶରେ ଏକ ଶକ୍ତିମୟୀ, ଅପରୂପାସୁନ୍ଦରୀ ଦେବୀ ଆବିର୍ଭୂତା ହେଲେ । ତାଙ୍କର ନାମ 'ବାରୁଣୀ' । ସୃଷ୍ଟିତତ୍ତ୍ୱର ଆଧାରରେ

ପର୍ଯ୍ୟାୟକ୍ରମେ ମର୍ତ୍ତ୍ୟଭୂମି ଓ ଜୀବଜଗତ ସୃଷ୍ଟି ହେଲେ । ଗୋଲୋକରେ ଆଦି ଓ ଅନାଦିଙ୍କ ଅଂଶରୁ ସମ୍ଭୂତ ଜଳରାଶି ରୁଦ୍ରରୂପ ଧାରଣ କରି ସମୁଦ୍ର ନାମରେ ମର୍ତ୍ତ୍ୟମଣ୍ଡଳରେ ପ୍ରତିଷ୍ଠିତ ହେଲେ ଏବଂ ବରୁଣ, ବାରୁଣୀଙ୍କ ସୂକ୍ଷ୍ମସତ୍ତା ବହନ କରି ମହାବ୍ରହ୍ମଙ୍କ ଆଜ୍ଞା ପାଳନରେ ବ୍ରତୀ ହୋଇ ରହିଲେ । ସଂକ୍ଷେପରେ ଏହାହିଁ ବାରୁଣୀଙ୍କ ଜନ୍ମ ଓ ସ୍ଥିତି ରହସ୍ୟ ।

ଗୋଲୋକଧାମ ସୃଷ୍ଟିର ଦ୍ୱିତୀୟ ପର୍ଯ୍ୟାୟରେ ଗୋଲୋକାଧିପତି ସ୍ୱୟଂ ନିଜ ପୁରୁଷଭାଗକୁ ତିନିଭାଗ କରି ଚତୁର୍ଭୁଜଧାରୀ ବିଷ୍ଣୁ, ଦ୍ୱିଭୁଜଯୁକ୍ତ ମହାଦେବ ଓ ଚତୁର୍ଭୁଜ ବ୍ରହ୍ମା ରୂପକୁ ରୂପାନ୍ତରିତ କଲେ । ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ବୈକୁଣ୍ଠ, ମହାଦେବଙ୍କର କୈଳାସ ଓ ବ୍ରହ୍ମାଙ୍କ ପାଇଁ ବ୍ରହ୍ମମଣ୍ଡଳ ସୃଷ୍ଟି ହୋଇଗଲା । ଅପରପାର୍ଶ୍ୱରେ ପ୍ରକୃତି ପଞ୍ଚଭାଗରେ ବିଭକ୍ତ ହୋଇ ପଞ୍ଚ ମହାଦେବୀ ରୂପରେ ଆବିର୍ଭୂତା ହେଲେ । ଯଥା : ଦୁର୍ଗା (ପାର୍ବତୀ), ଲକ୍ଷ୍ମୀ, ସରସ୍ୱତୀ, ସାବିତ୍ରୀ ଓ ରାଧା । କୃଷ୍ଣ ଅନ୍ୟରୂପ ବିଷ୍ଣୁଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ମହାଦେବଙ୍କ ସହ ଦୁର୍ଗା (ପାର୍ବତୀ), ବ୍ରହ୍ମାଙ୍କ ସହ ସାବିତ୍ରୀ ଦେବୀ ପତ୍ନୀରୂପେ ଯୁକ୍ତ ହୋଇ ସ୍ୱ ସ୍ୱ ମଣ୍ଡଳରେ ପ୍ରତିଷ୍ଠିତ ହେଲେ । ପଞ୍ଚମ ଶକ୍ତି ରାଧା ଗୋଲୋକରେ ସୌଭାଗ୍ୟବତୀ ନାମରେ କୃଷ୍ଣଙ୍କ ହୃଦୟେଶ୍ୱରୀ ହୋଇ ବିରାଜିତ ହେଲେ ।

ତୃତୀୟ ପର୍ଯ୍ୟାୟରେ ମର୍ତ୍ତ୍ୟଭୂମି ନିର୍ମାଣ ହେଲା ଓ ଆବଶ୍ୟକତା ଅନୁଯାୟୀ ପୁରୁଷଙ୍କ ଅଂଗରୁ ଦେବତା ଓ ପ୍ରକୃତିଙ୍କ ଅଂଶରୁ ଦେବୀମାନେ ସୃଷ୍ଟି ହେଲେ । ସେହି କ୍ରମାନୁସରିତ ଦେବତା ଓ ଦେବୀଙ୍କ ସମ୍ପର୍କରେ ପୂର୍ଣ୍ଣ ଚିତ୍ର ଉକ୍ତ କ୍ଷୁଦ୍ର ପତ୍ରିକାରେ ପ୍ରଦାନ କରିବା ସମ୍ଭବ ନୁହେଁ । ଏହିପତ୍ରିକା କେବଳ ପ୍ରକୃତି ସମ୍ବନ୍ଧିତ ହୋଇଥିବାରୁ ସଂକ୍ଷେପରେ କେବଳ ପ୍ରକୃତି ବିଭାଗ ଉପରେ ଆଲୋକପାତ କରାଯାଉଅଛି । ପ୍ରକୃତିଙ୍କର ପ୍ରଧାନ ଅଂଶ ସମ୍ଭୂତ । ଦେବୀମାନଙ୍କ ମଧ୍ୟରେ ମନ୍ଦାକିନୀ (ଗଙ୍ଗା), ମନସା, ଷଷ୍ଠୀ, ମଙ୍ଗଳଚଣ୍ଡୀ, କମଳଲୋଚନ କାଳୀ ଓ ପୃଥିବୀ ଆବିର୍ଭୂତା ହେଲେ । ଏମାନେ ସୃଷ୍ଟିର ଲାଳନ ପାଳନ ପାଇଁ ଭିନ୍ନ ଭିନ୍ନ ଶକ୍ତିଯୁକ୍ତା ହେଲେ ମଧ୍ୟ ସମସ୍ତେ କୃଷ୍ଣ (ବିଷ୍ଣୁ) ସେବିକା, ଅନୁଗତା ହୋଇ ରହିଲେ । ଏମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଦେବୀ ମନ୍ଦାକିନୀଙ୍କର ସୃଷ୍ଟି ରହସ୍ୟ ଅତି କମନୀୟ ଓ ମଧୁର ଅଟେ ।

କାର୍ତ୍ତିକ ପୂର୍ଣ୍ଣିମାର ରାହାସ ଉତ୍ସବ । ସମସ୍ତ ଦେବାଦେବୀ ନିତ୍ୟ ରାଧାକୃଷ୍ଣଙ୍କର ରାସ ଦର୍ଶନ ଓ ଉପଭୋଗ କରିବା ପାଇଁ ଗୋଲୋକଧାମକୁ ଗଲେ । ସେଠାରେ ସମସ୍ତେ ଏକମୁଖ ହୋଇ କୃଷ୍ଣ ଚରିତ ଗାନକରି ସ୍ତୁତି, ପ୍ରାର୍ଥନା କରିବାକୁ ଲାଗିଲେ । ପର୍ଯ୍ୟାୟକ୍ରମେ ଅତ୍ୟନ୍ତ ଭାବାବେଶ ହୋଇ କୃଷ୍ଣ ପ୍ରେମରେ ବିମୋହିତ ହେବାଦ୍ୱାରା ସମସ୍ତେ ମୂର୍ଚ୍ଛିତ ହୋଇଗଲେ । ଚେତନା ପ୍ରାପ୍ତି ପରେ ଦେଖିଲେ ରାସମଣ୍ଡଳରେ ରାଧା-କୃଷ୍ଣ ନାହାଁନ୍ତି । ସମସ୍ତସ୍ଥଳ ଜଳରେ ଆବୃତ ହୋଇଛି । ତାହା ଦେଖି ସମସ୍ତେ ବିହ୍ୱଳିତ ହୋଇ କୃଷ୍ଣ ବିରହରେ କ୍ରନ୍ଦନ କଲେ । ବେଦପତି ବ୍ରହ୍ମା ଧ୍ୟାନସୂତ୍ରରେ ଲକ୍ଷ୍ୟ କରି ଜାଣିଲେ ରାଧାକୃଷ୍ଣ ଦ୍ରବୀଭୂତ ହୋଇ ଜଳର ଆକାର ଧାରଣ କରିଛନ୍ତି । ତେଣୁ ସର୍ବ ଦେବାଦେବୀଙ୍କୁ ଏକଚିତ୍ତ, ଏକମନରେ ରାଧାକୃଷ୍ଣଙ୍କୁ ସ୍ତୁତି କରିବାପାଇଁ ଉପଦେଶ ଦେଲେ । ଏହିପରି ସ୍ତୁତି କରୁଥିବା ସମୟରେ ଶୂନ୍ୟବାଣୀ ହେଲା, ''ହେ ଦେବଗଣ ! ମୁଁ ସର୍ବମୟ ଅଟେ । ଶକ୍ତି ମୋର ଅର୍ଦ୍ଧରୂପ ଦେହ । ଆମ୍ଭ ଦୁହିଁଙ୍କର ଭେଦ କିଛି ନାହିଁ । ବର୍ତ୍ତମାନ ଆମେ ଦୁହେଁ ପୁନଶ୍ଚ ଏକାକାର ହୋଇ ଜଳର ଆକାର ଧାରଣ କରିଛୁ । ଯଦି ମୋତେ ଦର୍ଶନ କରିବାକୁ ଇଚ୍ଛା କରୁଛ, ତେବେ ଆଜ୍ଞା ପାଳନ କରି ଶିବ 'ସୁନ୍ଦର ଦେବାଙ୍ଗ ଶାସ୍ତ୍ର' ସଂକଳନ କରନ୍ତୁ । ସେଥିରେ ମୋତେ ସଂଯୁକ୍ତ କରି ସର୍ବମନ୍ତ୍ର, ସ୍ତୋତ୍ର, କବଚ, ଧ୍ୟାନ, ପୂଜାବିଧି ନିବେଶିତ କରନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁମାନେ ଏହି ଶାସ୍ତ୍ର ଅନ୍ତର୍ଗତ ବିଧାନରେ ଆରାଧନା କରିବେ, କେବଳ ସେହିମାନେ ମୋତେ ପ୍ରାପ୍ତ ହେବେ ।'' ସେହି ଶୂନ୍ୟବାଣୀରେ ସ୍ତମ୍ଭୀଭୂତ ହୋଇ ଦେବମଣ୍ଡଳୀ ପୁନଃ ପୁନଃ ପ୍ରାର୍ଥନା କଲେ । ଆଜ୍ଞା ଅନୁସାରେ ଶିବ ସେହିଠାରେ ରାଧାକୃଷ୍ଣଙ୍କ ଦ୍ରବ୍ୟଜଳ ହସ୍ତରେ ଧାରଣ କରି 'ସୁନ୍ଦର ଦେବାଙ୍ଗ ଶାସ୍ତ୍ର' ସଂକଳନର ପ୍ରତିଜ୍ଞା କଲେ । ପ୍ରତିଜ୍ଞାରେ ସନ୍ତୁଷ୍ଟ ହୋଇ ପରମେଶ ପୁନଶ୍ଚ 'ରାଧାକୃଷ୍ଣ' ଯୁଗଳଅଙ୍ଗ ହୋଇ ଦେବାଦେବୀଙ୍କୁ ଦର୍ଶନ ଦେଲେ । ଯୁଗଳଅଙ୍ଗ ଦ୍ରବୀଭୂତ ହୋଇଥିବା ଦ୍ରବ୍ୟଜଳରୁ ଏକଦେବୀ ସୃଷ୍ଟି ହୋଇ 'ମନ୍ଦାକିନୀ' (ଗଙ୍ଗା) ନାମ ଧାରଣ କଲେ ଏବଂ ସେହିଜଳକୁ ଲୀଳାମୟକୃଷ୍ଣ ସ୍ଥାନେ ସ୍ଥାନେ ଗୁପ୍ତରେ ଗୁପ୍ତ ସଲିଳା ଭାବରେ ରଖାଇ ପୁଣ୍ୟତୀର୍ଥ ନାମରେ ପ୍ରତିଷ୍ଠା କରାଇଲେ । ଏହାହିଁ ମନ୍ଦାକିନୀ ବା ଗଂଗାଙ୍କ ଜନ୍ମ ରହସ୍ୟ । ଏ ସମସ୍ତ ବିଷୟବସ୍ତୁ ସୃଷ୍ଟି (ମର୍ତ୍ତ୍ୟଭୂମି) ନିର୍ମାଣର ପୂର୍ବ ଅବସ୍ଥା ।

ତେବେ ମନ୍ଦାକିନୀ (ଗଙ୍ଗା), ସରସ୍ୱତୀ ଆଦି ଦେବୀମାନେ ଯେଉଁ ପରିସ୍ଥିତିରେ ମର୍ତ୍ତ୍ୟରେ ନଦୀରୂପ ଧାରଣ କଲେ ତାହା ଏକ ନିତ୍ୟ ନୂତନ, ଅମୃତମୟ ଅମରକାହାଣୀ ।

ବୈକୁଣ୍ଠର ଏକ ଅନିର୍ବଚନୀୟ, ଅବିସ୍ମରଣୀୟ ମଧୁର ମୁହୂର୍ତ୍ତ । ବୈକୁଣ୍ଠାଧିପତି ବିଷ୍ଣୁ ତିନିଦେବୀ ଗଙ୍ଗା, ସରସ୍ୱତୀ ଓ ଲକ୍ଷ୍ମୀଙ୍କ ସହ ଆନନ୍ଦ ଲଗ୍ନରେ ଉପସ୍ଥିତ ଅଛନ୍ତି । ଏହି ସମୟରେ ସତ୍ତ୍ୱଗୁଣ ସଂପନ୍ନା ଗଙ୍ଗା ପ୍ରୀତିରସ ମୂର୍ଚ୍ଛନାରେ ବିମୋହିତ ହୋଇ ପ୍ରଭୁଙ୍କୁ ଆବେଗଭରା ଚାହାଣୀରେ ବାରମ୍ବାର ଇସାରା ଦେଲେ । ମାତା ଲକ୍ଷ୍ମୀ ଏହା ନିରୀକ୍ଷଣ କରି ମଧ ସ୍ୱଭାବ କମନୀୟତାରେ ନୀରବ ରହିଲେ । ମାତ୍ର ସରସ୍ୱତୀ ସପତ୍ନୀର ଭାବରେ ଏହି ଦୃଶ୍ୟକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଅତି କଟୁ, କର୍କଶ ଭାଷାରେ ପ୍ରଭୁଙ୍କୁ ଓ ଗଙ୍ଗାଙ୍କୁ ଭର୍ତ୍ସନା କଲେ । ଏହି ପରିସ୍ଥିତିକୁ ହୃଦୟଙ୍ଗମ କରି ଲୀଳାନାୟକ ବିଷ୍ଣୁ ସେ ସ୍ଥାନ ପରିତ୍ୟାଗ କରି ସଭାଗୃହକୁ ଚାଲିଗଲେ । ତା' ପରେ ବାସ୍ତବ ବ୍ରହ୍ମଲୀଳା ଆରମ୍ଭ ହୋଇଗଲା । ସରସ୍ୱତୀଙ୍କ କୋପ ସୀମା ଲଙ୍ଘନ କଲା । ତାଙ୍କର ଏତାଦୃଶ କ୍ରୋଧିତ ଅବସ୍ଥାକୁ ଦେଖି ସର୍ବଂସହା ମାତା ଲକ୍ଷ୍ମୀ ତାଙ୍କୁ ବୁଝାଇ କ୍ରୋଧରୁ ନିବୃତ୍ତ ହେବା ପାଇଁ ଚେଷ୍ଟା କଲେ । କିନ୍ତୁ ଶାନ୍ତ ହେବା ପରିବର୍ତ୍ତେ ସରସ୍ୱତୀ ଜ୍ଞାନଶୂନ୍ୟା ହୋଇ ଗଙ୍ଗାଙ୍କୁ ସମର୍ଥନ କରିବା ଦୋଷକୁ ଚିତ୍ରଣ କରି ଲକ୍ଷ୍ମୀଙ୍କୁ ଅଭିଶାପ ଦେଲେ, 'ତୁ ମର୍ତ୍ତ୍ୟକୁ ବୃକ୍ଷରୂପ ଓ ନଦୀରୂପ ହୋଇ ଗମନ କର' । ଏଥିରେ କିନ୍ତୁ ଲକ୍ଷ୍ମୀ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ପ୍ରତି ଅଭିଶାପ ମଧ୍ୟ ଦେଲେ ନାହିଁ । ବରଂ ପୁନଃ ପୁନଃ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ମାତ୍ର ସରସ୍ୱତୀ ହଠାତ୍ କ୍ରୋଧର ସମସ୍ତ ସୀମା ଅତିକ୍ରମ କରି ଗଙ୍ଗାଙ୍କୁ ଆକ୍ରମଣ କରିବାପାଇଁ ଉଦ୍ୟତ ହେଲେ । ଏ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ସମସ୍ତ ସହ୍ୟ କରି ଯାଉଥିବା ଶାନ୍ତମୂର୍ତ୍ତି ଗଙ୍ଗା ତାଙ୍କର ସଂଯମ ହରାଇ ସରସ୍ୱତୀଙ୍କୁ ନଦୀରୂପେ ମର୍ତ୍ତ୍ୟକୁ ଯାଇ ସମସ୍ତ ପାପୀଙ୍କ ପାପ ଧାରଣ କରିବା ପାଇଁ ଅଭିଶାପ ଦେଇଦେଲେ । ସରସ୍ୱତୀ ମଧ ଗଙ୍ଗାଙ୍କୁ ନଦୀ ହେବାପାଇଁ ପ୍ରତିଅଭିଶାପ ଦେଇଦେଲେ । ଏହିପରି ମହାବ୍ରହ୍ମଙ୍କ ଗୁପ୍ତଲୀଳାର ପ୍ରଭାବରେ ତିନିଦେବୀ ପରସ୍ପର ଦ୍ୱାରା ଅଭିଶପ୍ତ ହୋଇ ମର୍ତ୍ତ୍ୟକୁ ନଦୀରୂପରେ ଗମନ କରିବାର କ୍ଷେତ୍ର

ପ୍ରସ୍ତୁତ ହୋଇଗଲା । ଏହିଠାରେ ବ୍ରହ୍ମଙ୍କ ଅଭିନବ ଲୀଳାକୁ ଗମ୍ଭୀର ଭାବରେ ଲକ୍ଷ୍ୟ କରାଯାଉ । ତିନିଦେବୀ ନଦୀରୂପ ଧାରଣ କରି ମର୍ତ୍ତ୍ୟାଗମନ କରିବାର ଗୁପ୍ତ ରହସ୍ୟ କ'ଣ ହୋଇପାରେ ? ପୂର୍ବରୁ ଆଲୋଚନା କରାଯାଇଅଛି ଗୋଲୋକାଧିପତି କୃଷ୍ଣ ମାତା ରାଧାଙ୍କ ସହ ଯୁଗଳଅଙ୍ଗକୁ ଦ୍ରବୀଭୂତ କରାଇ ଦ୍ରବ୍ୟରୂପ ଜଳର ଆକାର ଧାରଣ କରିଥିଲେ । ତେଣୁ ଜଳ ହିଁ ପୂର୍ଣ୍ଣବ୍ରହ୍ମଙ୍କର ଏକ ଅନନ୍ୟ ଦ୍ରବ୍ୟରୂପ । ସୁତରାଂ ମର୍ତ୍ତ୍ୟଭୂମିରେ ବିଚରଣ କରୁଥିବା ଜୀବଜଗତ ଏହି ପୂର୍ଣ୍ଣବ୍ରହ୍ମ ସ୍ୱରୂପା ଜଳ ସ୍ପର୍ଶ କରି ସ୍ନାନ ପାନ କରି ମହାପୁଣ୍ୟ ଅର୍ଜନ କରିବା ସଙ୍ଗେ ସଙ୍ଗେ ସଂସାର କର୍ମଜନିତ ସମସ୍ତ କଳୁଷରୁ ଅନାୟାସରେ ମୁକ୍ତ ହୋଇପାରିବେ । ସେଥିପାଇଁ ନିଜ ମାୟାରେ ତିନିଦେବୀଙ୍କୁ ବିମୋହିତ କରି ଏକ ନାଟକର ସୂତ୍ରପାତ କଲେ ଏବଂ ମର୍ତ୍ତ୍ୟ ଜୀବଜଗତ ପାଇଁ ଆଶିଷର ଧାରା ପ୍ରବାହିତ କରାଇଦେଲେ । ନାଟକ ସମାପ୍ତି ପରେ କିଛି ନ ଜାଣିଲା ପରି ପାରିଷଦବର୍ଗଙ୍କ ସହ ବିଷ୍ଣୁ ତିନିଦେବୀଙ୍କ ନିକଟକୁ ଫେରି ଆସିଲେ । ସ୍ୱଭାବ ଜନିତ ସୁଲଭରେ ସରସ୍ୱତୀଙ୍କୁ ଆଲିଙ୍ଗନ କରି ଶାନ୍ତ କରାଇ ଦେଲେ ଏବଂ ପରସ୍ପରର ଅଭିଶାପ ଓ ପ୍ରତିଅଭିଶାପକୁ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦେଇଦେଲେ । ଗଙ୍ଗାଙ୍କୁ ଶିବଙ୍କ ସହ ଓ ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ସହିତ ଯୁକ୍ତ ହେବାକୁ ଆଦେଶ ପ୍ରଦାନ କଲେ । ସମସ୍ତ ଘଟଣ, ଅଘଟଣରୁ ନିଜକୁ ସଂପୂର୍ଣ୍ଣ ରୂପେ ଅନାସକ୍ତ ରଖି ପୂର୍ଣ୍ଣ ସଂଯମ ରକ୍ଷା କରିଥିବାରୁ ଲକ୍ଷ୍ମୀଙ୍କୁ ନିଜ ପାଖରେ ରହିବାର ଆଜ୍ଞା ମିଳିଲା । ପ୍ରଭୁଙ୍କର ଉକ୍ତ କଠୋର ନିର୍ଦ୍ଦେଶ ଶୁଣିବା ପରେ ତିନିଦେବୀ ନିଜ ନିଜର ଦୋଷ ସ୍ୱୀକାର କରି ପରସ୍ପରକୁ ଆଲିଙ୍ଗନ କଲେ ଓ କ୍ରନ୍ଦନ କରି ଶାପମୁକ୍ତ ହୋଇ ପୁନଶ୍ଚ ସ୍ୱାମୀଙ୍କ ସହ ଯୁକ୍ତ ହେବାକୁ ପ୍ରାର୍ଥନା କଲେ । ମାତ୍ର ଇଚ୍ଛାମୟ ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ଶେଷରେ ତାଙ୍କର ଅତିପ୍ରିୟା ଲକ୍ଷ୍ମୀ ଅତି ଆକୁଳ ହୋଇ ସ୍ତୁତି, ପ୍ରାର୍ଥନା କଲେ । ତାଙ୍କରି ସ୍ତୁତିରେ ସନ୍ତୁଷ୍ଟ ହୋଇ ଜଗତପତି କହିଲେ- ''ଅଭିଶାପ ଖଣ୍ଡନ ହୋଇପାରିବ ନାହିଁ । ତେଣୁ ପ୍ରତ୍ୟେକ ଅଂଶୀୟ କଳାରେ ତିନିଭାଗ ହୁଅନ୍ତୁ । ଲକ୍ଷ୍ମୀ ଏକ ଅଂଶରେ ମୋ ସହିତ ସଦା ବିରାଜିତ ହେବେ । ଆଉ ଏକ ଅଂଶରେ ନଦୀରୂପ ହୋଇ ପଦ୍ମାବତୀ ନାମରେ ମର୍ତ୍ତ୍ୟରେ ପ୍ରବାହିତ ହେବେ । ତୃତୀୟ ଅଂଶରେ ମର୍ତ୍ତ୍ୟରେ

ଧର୍ମଧ୍ୱଜ ଦୁହିତା ହୋଇ ତୁଳସୀ ନାମରେ ବୃକ୍ଷ ରୂପ ଧାରଣ କରିବେ । ଶାପ ଭୋଗର ଅନ୍ତିମ ସମୟରେ ମୋରି ଅଂଶରୁ ଜନ୍ମଲାଭ କରିଥିବା ଶଙ୍ଖଚୂଡ ନିଶାଚରକୁ ବିବାହକରି ତା'ର ପତ୍ନୀରୂପରେ ସମୟ କଟାଇବେ । ତାହାର କିଛି କାଳପରେ ଶଙ୍ଖଚୂଡ଼ ଅଂଶୀୟ କଳାକୁ ଧରି ମୋରି ଅଙ୍ଗରେ ଲୀନ ହେବ । ସେତିକିବେଳେ ପୁନର୍ବାର ପୂର୍ଣ୍ଣକଳା ନେଇ ଲକ୍ଷ୍ମୀ ବୈକୁଣ୍ଠକୁ ଫେରି ଆସିବେ । ସରସ୍ୱତୀ ଅର୍ଦ୍ଧଅଂଶ ନେଇ ବ୍ରହ୍ମାଙ୍କ ନିକଟରେ ରହିବେ । ଅବଶିଷ୍ଟ ଅର୍ଦ୍ଧାଂଶ ଦୁଇଭାଗ ହୋଇ ଏକ ଅଂଶ ମୋ ନିକଟରେ ଓ ଅନ୍ୟ ଅଂଶରେ ପୂଣ୍ୟତୋୟା ନଦୀରୂପ ଧାରଣ କରି ମର୍ତ୍ତ୍ୟରେ ପ୍ରବାହିତ ହେବେ । ତାଙ୍କର ଜଳାଧାର ସର୍ବପାପନାଶକ ଓ ସର୍ବଜ୍ଞାନ ସିଦ୍ଧି ପ୍ରଦାୟକ ହେବ । ଗଙ୍ଗା ମଧ୍ୟ ତିନିଅଂଶ ଧାରଣ କରି ଅର୍ଦ୍ଧାଂଶ ଶିବଙ୍କ ନିକଟରେ, ଅବଶିଷ୍ଟ ଅର୍ଦ୍ଧାଂଶରୁ ଏକଅଂଶ ବୈକୁଣ୍ଠରେ ଓ ଦ୍ୱିତୀୟ ଅଂଶ ନଦୀରୂପରେ ମର୍ତ୍ତ୍ୟରେ ବହିଯିବେ । କଳିଯୁଗ ପାଞ୍ଚ ସହସ୍ର ବର୍ଷ ଭୋଗ ହେବାପରେ ସେମାନେ (ଗଙ୍ଗା ଓ ସରସ୍ୱତୀ) ପୂର୍ଣ୍ଣକଳା ପ୍ରାପ୍ତ ହୋଇ ବୈକୁଣ୍ଠକୁ ଫେରିଆସିବେ ।'' ସ୍ୱାମୀଙ୍କ ଶ୍ରୀମୁଖରୁ ନିଜ ଶାପମୁକ୍ତିର ବଚନ ପାଇ ତିନିଦେବୀ ଆନନ୍ଦିତା ହେଲେ ଏବଂ ପୁନଃ ପ୍ରାର୍ଥନା କଲେ । 'ସ୍ୱାମୀ ! ଯେଉଁ ଅଂଶୀୟ କଳା ନେଇ ପୂଣ୍ୟଭୂମି ମର୍ତ୍ତ୍ୟକୁ ଯିବୁ ସେଠାରେ ଆପଣଙ୍କ ବିହୁନେ କିପରି ରହିବୁ । ଆମର ଜଳାଧାରରେ ସମସ୍ତ ପାପୀଙ୍କ ପାପଭାରା ଯୁକ୍ତ ହୋଇଯିବାପରେ ସେହି ଭାରକୁ ସମ୍ଭାଳିବାକୁ କିପରି ସକ୍ଷମ ହେବୁ ?' ପ୍ରୀତ ହୋଇ ସ୍ୱାମୀ ପରମେଶ କହିଲେ, 'ଆମରି ସ୍ୱେଦରୁ ଉଦ୍‌ଭବ ଜଳରାଶିରୁ ଆମର ଅଂଶ ସମ୍ଭୂତ ରୁଦ୍ରରୂପୀ ଲବଣ ସମୁଦ୍ର ମର୍ତ୍ତ୍ୟରେ ଉପସ୍ଥିତ ହୋଇ ସୃଷ୍ଟିର ତିନିଭାଗ ଆଚ୍ଛାଦନ କରି ରହିଛନ୍ତି । ତୁମ ସହିତ ଯେତେ ଗୁପ୍ତସଲୀଳା ତୀର୍ଥ ନଦୀ ପ୍ରବାହିତ । ହେବେ ସେମାନେ ସମସ୍ତେ ସେହି ସମୁଦ୍ରରେ ଲୀନ ହୋଇ ସ୍ୱାମୀସୁଖ ପ୍ରାପ୍ତି ହେବେ ଏବଂ ଜୀବଜଗତର ସକଳ ପାପରାଶୀ ସେହି ଅନନ୍ତଗର୍ଭରେ ଲୀନ ହୋଇ ତୁମେ ସର୍ବଦା ପୂଣ୍ୟତୋୟା ଚିରପବିତ୍ରା ହୋଇ ରହିବ ।'

ଗଙ୍ଗାଙ୍କ ଅଭିଶାପ ଓ ବିଷ୍ଣୁଙ୍କ କରୁଣାରେ ସରସ୍ୱତୀ ଅଂଶୀୟ କଳା ନେଇ ପୂଣ୍ୟଭୂମି ଭାରତକୁ ପ୍ରବାହିତ ହେବାପାଇଁ ଅବତରଣ କଲେ । ଅନ୍ୟ କଳାରେ

ସ୍ୱାମୀଙ୍କ ସହ ବୈକୁଣ୍ଠରେ ରହିଲେ । ବ୍ରହ୍ମଙ୍କ ଅଙ୍ଗରୁ ଜାତ ଏବଂ ବ୍ରହ୍ମଙ୍କ ଦ୍ରବ୍ୟରୂପ ଜଳାଧାରର ଶରୀର ଗ୍ରହଣ କରିଥିବାରୁ ଭାରତରେ ଦେବୀ 'ବ୍ରାହ୍ମଣୀ ନଦୀ' ନାମରେ ପରିଚିତ ହେଲେ । ବ୍ରାହ୍ମଣ ପ୍ରୀତିକାରିଣୀ ହୋଇ ବାକ୍ୟଦେବୀ, ବାଣୀ ଇତ୍ୟାଦି ନାମ ଗ୍ରହଣ କଲେ । ପୃଥିବୀ ବକ୍ଷରେ ଯେତେ ସରୋବର ଅଛି ତାଙ୍କରି ଗୁପ୍ତ ସ୍ରୋତ ସବୁ ସରୋବରରେ ପ୍ରବାହିତ ହେଲା । ତେଣୁ ସେହି ଜଳାଧାର 'ସରସ୍ୱତୀ ନଦୀ' ନାମରେ ପ୍ରଚାରିତ ହେଲା । ପାପୀଜନଙ୍କର ପାପ ଧ୍ୱଂସ କରିବାପାଇଁ ଅନଳ ସଦୃଶା ଦେବୀ ପବିତ୍ର ସ୍ରୋତସ୍ୱିନୀ ହୋଇ ପ୍ରବାହିତ ହେଲେ ।

ସେହିପରି ବାଣୀ (ସରସ୍ୱତୀ)ଙ୍କ ଅଭିଶାପରେ ଲକ୍ଷ୍ମୀ ପର୍ଯ୍ୟାୟକ୍ରମେ ଅଂଶୀୟ କଳା ନେଇ ଏକ ଅଂଶରେ ଭାରତରେ ପଦ୍ମାବତୀ ନଦୀ, ଆଉ ଏକ ଅଂଶରେ ଧର୍ମଧ୍ୱଜଙ୍କ ପତ୍ନୀଙ୍କ ଅଂଗରେ ବିରାଜିତ ହେଲେ । ଯେଉଁ ଅଂଶରେ ଧର୍ମଧ୍ୱଜ ପତ୍ନୀଙ୍କ ଠାରୁ ଜନ୍ମନେଲେ ତାହାଙ୍କ ନାମ ତୁଳସୀ ହେଲା । ସମୟାନୁକ୍ରମେ ନିଶାଚର ଶଙ୍ଖଚୂଡ଼ଙ୍କ ପତ୍ନୀଭାବରେ କିଛିକାଳ ଭୋଗ କରିବା ପରେ ଶଙ୍ଖଚୂଡ଼ଙ୍କ ବିଷ୍ଣୁକଳା ଲୀନ ହେବା ସଙ୍ଗେ ସଙ୍ଗେ ଦେବୀ ବୈକୁଣ୍ଠ ଗମନ କରି ପୁନଶ୍ଚ ସ୍ୱାମୀଙ୍କ ସହ ଯୁକ୍ତ ହୋଇ ରହିଲେ । ପଦ୍ମାବତୀ ନଦୀରେ ଦେବୀଙ୍କ ଛାୟା ଓ ବ୍ରହ୍ମଆଜ୍ଞା କେବଳ ମର୍ତ୍ତ୍ୟଧାମରେ ରହିଗଲା ।

ବାଣୀଙ୍କ ଅଭିଶାପ ପୂର୍ଣ୍ଣାଙ୍ଗ ପାଇଁ ଦେବୀଗଙ୍ଗାଙ୍କ ମର୍ତ୍ତ୍ୟାଗମନ ନିମନ୍ତେ ଦୁଇଟି ଲୀଳା ନାଟକ ରଚିତ ହେଲା । ପ୍ରଥମର ସୂତ୍ରରେ:- ପୂଣ୍ୟଭୂମି ଭାରତରେ ସଗର ନାମ ଏକ ମହାପରାକ୍ରମୀ ରାଜନ ଥିଲେ । ବହୁ ତପସ୍ୟା ପରେ ଶିବଙ୍କ କୃପାରୁ ତାଙ୍କର ଷାଠିଏ ହଜାର ପୁତ୍ର ଜନ୍ମ ହେଲେ । ଯୌବନ ପ୍ରାପ୍ତପରେ ସେମାନେ ପିତାଙ୍କ ଯଜ୍ଞ ଉଦେଶ୍ୟରେ ପ୍ରେରିତ ଯଜ୍ଞ ଅଶ୍ୱକୁ ଅନ୍ୱେଷଣ କରିବାକୁ ଯାଇ ପାତାଳରେ କପିଳମୁନିଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରେ ଯଜ୍ଞଅଶ୍ୱକୁ ଦେଖି ତାହାକୁ ମୁନି ରଖିଛନ୍ତି ବୋଲି ଭ୍ରମରେ ବିଶ୍ୱାସ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ରାଜକୁମାରଙ୍କ ଅଶାଳୀନ, ଦୁଷ୍ଟ ଆଚରଣରେ ରୁଷ୍ଟ ହୋଇ ମୁନି କ୍ରୋଧାଗ୍ନିରେ ସେମାନଙ୍କୁ ତୃଣ ପରି ଭସ୍ମ କରିଦେଲେ । ସେହିଦିନୁ ତାଙ୍କ ବଂଶରେ ଯେତେ ପୂଣ୍ୟାତ୍ମା ଜନ୍ମ ଗ୍ରହଣ କରି ସିଂହାସନରେ ଅଭିଷିକ୍ତ ହେଲେ,

ସେମାନେ ସମସ୍ତେ ଲକ୍ଷାଧିକ ବର୍ଷ ତପସ୍ୟା କରି ମନ୍ଦାକିନୀଙ୍କୁ ଅବତରଣ କରାଇବାରେ ଅକ୍ଷମ ହେଲେ । ଶେଷରେ ଭଗୀରଥ ନାମରେ ବିଷ୍ଣୁଭକ୍ତ ସେହି କୁଳରେ ଜନ୍ମ ଗ୍ରହଣ କରି ପିତୃପୁରୁଷଙ୍କ ଉଦ୍ଧାର ସଂକଳ୍ପ ନେଇ ହିମାଳୟରେ କଠୋର ତପ ଆଚରଣ କଲେ । ଲକ୍ଷେ ବର୍ଷ ତପସ୍ୟା କରିବା ପରେ ବିଷ୍ଣୁଙ୍କୁ ଗୋଲୋକାଧିପତି କୃଷ୍ଣ ରୂପରେ ଦର୍ଶନ ଲାଭ କରି ଗଙ୍ଗା ଅବତରଣର ବରପ୍ରାପ୍ତ ହେଲେ ।

ସେହି ସମୟରେ ଗୋଲୋକରେ ଦ୍ୱିତୀୟ ନାଟକର ସୂତ୍ରପାତ ହେଲା । ଗୋଲୋକରେ ଦ୍ରବ୍ୟରୂପ ଧାରଣ କରି ନିତ୍ୟ ରାଧାକୃଷ୍ଣଙ୍କ ଦ୍ରବୀଭୂତ ଯୁଗଳଅଙ୍ଗରୁ ଜାତ ହୋଇଥିବା ଦେବୀ ଗଙ୍ଗା ଏକଦା କୃଷ୍ଣଙ୍କ ପାର୍ଶ୍ୱରେ ଲଜ୍ଜାବନତ ମୁଖରେ ବସିଛନ୍ତି ଏବଂ ପ୍ରୀତିସମ୍ଭାର ନିବେଦନ କରି ରାସେଶ୍ୱରଙ୍କ ସହ ମିଳନ କାମନା କରୁଛନ୍ତି । ଠିକ୍ ଏହି ସମୟରେ କୃଷ୍ଣଙ୍କ ହୃଦୟେଶ୍ୱରୀ ଲାସ୍ୟମୟୀ, ରାସେଶ୍ୱରୀ ରାଧା ସହସ୍ର ପୂର୍ଣ୍ଣିମା ଚନ୍ଦ୍ରଙ୍କ ପ୍ରଭା ଧାରଣ କରି ତିରିଶକୋଟି ସେବିକା ଗୋପୀଙ୍କ ଗହଣରେ ରତ୍ନ ବିନିର୍ମିତ ଦ୍ରବ୍ୟ ବିମାନରେ ଗୋଲୋକକୁ ବିଜେ କଲେ । ପ୍ରାଣପ୍ରିୟାଙ୍କୁ ଦେଖିବା ମାତ୍ରେ ଲୀଳାମୟ କୃଷ୍ଣ ଆସନ ତ୍ୟାଗ କରି ତାଙ୍କୁ ଖଞ୍ଜୋଳିବା ପାଇଁ ଆଗେଇଗଲେ । ବହୁମାନ୍ୟକରି ପ୍ରେମ ସମ୍ଭାଷଣ କଲେ । ଏହା ଦେଖି ସଭାରେ ଉପସ୍ଥିତ ଅମରବୃନ୍ଦ ଭକ୍ତି ଅର୍ଘ୍ୟ ନିବେଦନ କରି ପ୍ରଣାମ କଲେ । ସ୍ତୁତି କଲେ । କୃଷ୍ଣ ମଧ ଅନେକ ସ୍ତୁତି କଲେ । ତାହାଦେଖି ଗଙ୍ଗା ଭୟମିଶ୍ରିତ ମନ ନେଇ ରାଧାଙ୍କ ନିକଟକୁ ଯାଇ ପ୍ରଣାମ କଲେ । ମାତ୍ର ଭୟରେ ତାଙ୍କ ଓଷ୍ଠ, କଣ୍ଠ ଶୁଖି ଯାଉଥିଲା । ନିଜର ସ୍ଥିତି ରକ୍ଷା ପାଇଁ ଅଭୟ ପ୍ରାପ୍ତି ନିମନ୍ତେ କୃଷ୍ଣଙ୍କ ଶ୍ରୀଚରଣ ଧ୍ୟାନ କରି ଦେବୀ ଶରଣାଗତ ହେଲେ । ଫଳରେ ହୃଦୟପଦ୍ମରେ ସୁରେଶ୍ୱର ପ୍ରବେଶ କରି ତାଙ୍କୁ ଅଭୟ ପ୍ରଦାନ କଲେ । କୃଷ୍ଣ ପ୍ରସାଦରେ ତାଙ୍କ ମନରୁ ଭୟ ଦୂର ହେଲା । ନିର୍ନିମେଷ ନୟନରେ ଦେବୀ ରାଧାଙ୍କୁ ଚାହିଁ ରହିଲେ । ଦେଖିଲେ, ଆଦିସୃଷ୍ଟି ହେତୁ ସେହି ଦେବୀ ସନାତନୀ ସକଳ ଜ୍ଞାନ ସ୍ୱରୂପା ତ୍ରୈଲୋକ୍ୟପାବିନୀ ଦ୍ୱାଦଶବର୍ଷର କନ୍ୟା ପରି ଦିଶୁଛନ୍ତି । ଆଦ୍ୟଅନ୍ତ ଶୂନ୍ୟ ଜଗତଈଶ୍ୱରୀଙ୍କର ଶାନ୍ତ ମନୋହର ରୂପଶ୍ରୀ ଜ୍ୟୋତିସମ୍ଭାରରେ ଉଦ୍‌ଭାସିତ ହେଉଅଛି । ଶୁଭମୟୀ, ସୌଭାଗ୍ୟବତୀ ଦେବୀ ମହାମାୟାଙ୍କ ସମ ତେଜୋମୟୀ ସୁନ୍ଦରୀ ଜଗତରେ ଆଉ କେହି ନାହାନ୍ତି । ନିଜର ତେଜ ପ୍ରଭାବରେ

ଗୋଲୋକର ମହାସଭାକୁ ସେ ଆଲୋକିତ କରିଛନ୍ତି । ଅଯୋନିସମ୍ଭବା ସେହି ତ୍ରୈଲୋକ୍ୟ ଜନନୀଙ୍କ ଯୋଗୁ ହିଁ ଧରଣୀ ଧନ୍ୟ ହୋଇଛି । ଏହିପରି ଦୃଶ୍ୟ ଦେଖି ଆନନ୍ଦରେ ଦେବୀ ଗଙ୍ଗା ବିମୋହିତ ହୋଇଗଲେ । ମାତ୍ର ରାଧା କୃଷ୍ଣଙ୍କ ମୁଖକୁ ଚାହିଁ ଗଙ୍ଗାଙ୍କୁ ନିରୀକ୍ଷଣ କଲେ । ଗଙ୍ଗାଙ୍କ ମୁଖରେ ପ୍ରକାଶିତ ହୋଇଥିବା ଲକ୍ଷଣ ଦେଖି ତାଙ୍କର ଅନ୍ତତଳର କାମନା ଓ ଇଚ୍ଛା ଜାଣିପାରିଲେ । କ୍ରୋଧରେ ଜର୍ଜରିତା ହୋଇ କୃଷ୍ଣଙ୍କୁ ଧିକ୍କାର କରି ଅତ୍ୟନ୍ତ କଟୁଭାଷା ପ୍ରୟୋଗ କରି କହିଲେ, 'ସ୍ୱାମୀ ! ତୁମ ସମ୍ମୁଖରେ ନିଶ୍ଚଳ ହୋଇ ତୁମକୁ ଚାହିଁ ଗଙ୍ଗା ବସିଛନ୍ତି । ତୁମ ରୂପରେ ମୁଗ୍ଧ ହୋଇ ଅଙ୍ଗ ସଙ୍ଗ ଇଚ୍ଛା କରି ତାଙ୍କର ଅଙ୍ଗ ପୁଲକିତ ହୋଇଛି । ତୁମ ମନରେ ମଧ ତାଙ୍କ ପ୍ରତି ଆସକ୍ତି ଜାତ ହୋଇଛି । ମୋର ଉପସ୍ଥିତିରେ ଗୋଲୋକରେ କିପରି ଏ ଅଘଟଣ ହେଉଛି ? ଏହା ପୂର୍ବରୁ ମଧ ତୁମେ ଅନେକବାର ଏହିପରି ବ୍ୟଭିଚାର କାର୍ଯ୍ୟ କରିଅଛ । ଏଥର ଆଉ ସହ୍ୟ କରି ହେବ ନାହିଁ । ତେଣୁ ଜାରପତ୍ନୀ ଘେନି ଏହି ମୁହୂର୍ତ୍ତରୁ ଗୋଲୋକ ତ୍ୟାଗ କରିଯାଅ ।' ପୂର୍ବର ସମସ୍ତ କଥା ସ୍ମରଣ କରି ବାରମ୍ବାର ଭର୍ତ୍ସନା କରିବାକୁ ଲାଗିଲେ । ଧୀରେ ଧୀରେ କ୍ରୋଧରେ ତାଙ୍କର ଚକ୍ଷୁ ରକ୍ତବର୍ଣ୍ଣ ଧାରଣ କଲା । କ୍ରୋଧପୂର୍ବ ନୟନରେ ଗଙ୍ଗାଙ୍କୁ ଲକ୍ଷ୍ୟ କରନ୍ତେ, ଗଙ୍ଗା ଫଳାଫଳ ଜାଣିପାରି ଅନ୍ତର୍ଦ୍ଧାନ ହୋଇଗଲେ ଓ ନିଜର ଜଳରେ ପ୍ରବେଶ କରି ଲୁଚିଗଲେ । ଏହା ଦେଖି କୃଷ୍ଣଙ୍କର ଖେଦ ଜାତ ହେଲା । ଯୋଗବଳରେ ରାଧା ଜାଣିଲେ ଗଙ୍ଗା ଗୁପ୍ତ ସଲୀଳା ହୋଇ ମହୀତଳେ ସବୁସ୍ଥାନରେ ରହିଛନ୍ତି । ତେଣୁ ଭୟଙ୍କର କ୍ରୋଧ ପ୍ରକଟକରି ତାହାଙ୍କୁ ଶୋଷଣ କରିବାପାଇଁ ଉଦ୍ୟତ ହେଲେ । ଗଙ୍ଗା ଏହା ଜାଣିପାରି ତତ୍‌କ୍ଷଣାତ୍ କୃଷ୍ଣଙ୍କ ଚରଣରେ ଶରଣ ନେଇ ଲୀନ ହୋଇଗଲେ । ମହାମାୟା ମହାଦେବୀ ରାଧା ଗୋଲୋକ, ବୈକୁଣ୍ଠ, ବ୍ରହ୍ମଲୋକ ଆଦି ସମସ୍ତ ସ୍ଥାନ ଖୋଜିଲେ-କିନ୍ତୁ କୃଷ୍ଣ ଚରଣାଶ୍ରିତ ଗଙ୍ଗାଙ୍କୁ କେଉଁଠାରେ ପାଇଲେ ନାହିଁ । କ୍ରୋଧ ଜର୍ଜରିତା ହୋଇ ନୀରବ ହେଲେ । ଗଙ୍ଗା ଅନ୍ତର୍ଦ୍ଧାନ ହୋଇଯିବାରୁ ମହୀ ଜଳଶୂନ୍ୟ ହୋଇଗଲା । ବ୍ରହ୍ମାଣ୍ଡରେ ଜଳ ଟୋପେ ମିଳିଲା ନାହିଁ । ନଦୀ, ପୁଷ୍କରିଣୀ, ପଙ୍କ ଶୁଷ୍କ ହୋଇଗଲା । ଚରାଚର ଜଳଜନ୍ତୁ, ଜୀବ, ଜଳ ବିହୁନରେ ମାଳମାଳ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ । ତାହା ଦେଖି ସର୍ବଦେବାଦେବୀ ଗୋଲୋକକୁ ଯାଇ ବରେଣ୍ୟ ବରଦ ଶିବମୟ ସର୍ବହେତୁ, ଅପାର ସଂସାର

ମହାସାଗରର ସେତୁ, ନିରାକାର, ନିରଂଜନ, ଭକ୍ତ ଅନୁଗ୍ରହକାରୀ ଦେବ ସନାତନ କୃଷ୍ଣଙ୍କ ପଦପଙ୍କଜରେ ମନ ରଖି ଭକ୍ତିଭରେ ଗଦ୍‌ଗଦ୍ ବାକ୍ୟରେ ସ୍ତୁତି କରିବାକୁ ଲାଗିଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ କୃଷ୍ଣ ଜ୍ୟୋତି ସ୍ୱରୂପରେ ସେମାନଙ୍କ ସମ୍ମୁଖରେ ପ୍ରକଟିତ ହେଲେ । ଅମୂଲ୍ୟ ରତ୍ନ ନିର୍ମିତ ଚିତ୍ର ସିଂହାସନରେ ବିରାଜିତ ପ୍ରଭୁ ବ୍ରହ୍ମରାଶି । ହସ୍ତରେ ଶ୍ୱେତ ଚାମର ଧରି ଗୋପାଳମାନେ ସେବା କରୁଛନ୍ତି । ସମ୍ମୁଖରେ ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଛନ୍ତି । ଚନ୍ଦନରେ ଶ୍ରୀଅଙ୍ଗ ଶୋଭିତ ହୋଇଅଛି । ରତ୍ନଭୂଷଣରେ ଶରୀର ଝଲସି ଉଠୁଛି । ନବୀନ ନୀରଦ ପ୍ରାୟ ଶ୍ୟାମ ବର୍ଣ୍ଣର ତନୁରେ ଝୀନ ପୀତବାସ ପରିଧାନ କରି ଦ୍ୱାଦଶ ବର୍ଷର ବାଳକ ପ୍ରାୟ ଦିଶୁଛନ୍ତି ପ୍ରଭୁ ପରମେଶ । କୋଟିଚନ୍ଦ୍ର ମଣ୍ଡଳକୁ ଜିଣି ଶୋଭାକାନ୍ତିରେ ରାସମଣ୍ଡଳ ଜ୍ୟୋତିର୍ମୟ ହୋଇଯାଇଛି । ଅପୂର୍ବ, ଅନିର୍ବଚନୀୟ ରୂପଶ୍ରୀ ଦର୍ଶନ କରି କୃତକୃତ୍ୟ ହୋଇ ସମସ୍ତେ ବର୍ତ୍ତମାନର ଦୁର୍ଦ୍ଦଶା ଶ୍ରୀପଦପଙ୍କଜରେ ସର୍ମପଣ କରି ପ୍ରତିକାର ପ୍ରାର୍ଥନା କଲେ । ସ୍ତୁତିରେ ସନ୍ତୁଷ୍ଟ ହୋଇ କୃଷ୍ଣ କହିଲେ, 'ମୁଁ ଜାଣିଛି ତୁମ୍ଭେମାନେ ଗଙ୍ଗାଙ୍କୁ ନେବାପାଇଁ ଆସିଛ । ସେ ମୋ ନିକଟରେ ବସିଥିବାରୁ ରାଧା କ୍ରୋଧରେ ତାଙ୍କୁ ପାନ କରିବା ପାଇଁ ଖୋଜୁଛନ୍ତି । ସେହି ଭୟରେ ସେ ମୋ ପାଦରେ ଶରଣ ନେଇ ରହିଛନ୍ତି । ତୁମ୍ଭେମାନେ ତାଙ୍କୁ ରାଧାଙ୍କ କୋପରୁ ରକ୍ଷା କରିବା ପାଇଁ ଅଭୟଦାନ କଲେ ମୁଁ ତାଙ୍କୁ ସଙ୍ଗେ ସଙ୍ଗେ ବାହାର କରିଦେବି ।' କୃଷ୍ଣଙ୍କ ବଚନ ଶୁଣି କମଳଆସନ ବ୍ରହ୍ମା ଏକମନ ହୋଇ ରାଧାଙ୍କୁ ସ୍ତୁତି କଲେ । ଚାରିବେଦ ଅଧିପତି ଚାରିମୁଖରେ ଭକ୍ତିଯୁକ୍ତ ସ୍ତୁତି କରି କହିଲେ, 'ହେ ଦେବୀ ! ତୁମେ ଦେବୀ ସନାତନୀ । ପ୍ରଭୁ କୃଷ୍ଣଙ୍କର ହୃଦୟେଶ୍ୱରୀ । ରାସମଣ୍ଡଳରେ ପତିଙ୍କ ସହ ଏକତ୍ର ଥିବା ସମୟରେ ସଦାଶିବଙ୍କର ସ୍ତୁତିଗାନ ଶୁଣି ତୁମେ ଦ୍ରବ୍ୟରୂପେ ପତିଙ୍କ ସହ ବହିଗଲ । ଗଙ୍ଗା ରୂପରେ ପ୍ରକଟ ହେଲ । ତୁମରି ଅଂଶରେ ଜାତ ହୋଇଥିବାରୁ ସେ (ଗଙ୍ଗା) ତୁମର କନ୍ୟା ସମାନ ଅଟନ୍ତି । ଏବେ ସେ ତୁମ ପୂଜାରେ ମନ ଦେଇ ତୁମର ଆରାଧନା କରିବେ । ମର୍ତ୍ତ୍ୟମଣ୍ଡଳର ଲବଣସାଗରରେ ଲୀନ ହୋଇ ସେଠାରେ ସମୁଦ୍ରଙ୍କ ସହ ରମଣ କରିବେ । ଗୋଲୋକରେ ତୁମେ ରାଧା, ମାତ୍ର ସବୁଠାରେ ତୁମେ ତ୍ରିଜଗତ ମାତା ଦୁର୍ଗା । ତୁମର କନ୍ୟା ଏହି ମନ୍ଦାକିନୀ । ଆମର ସ୍ତୁତି ଘେନାକରି ତାଙ୍କଠାରେ ଦୟାକର ।' ବ୍ରହ୍ମାଙ୍କ ସ୍ତୁତି ଗ୍ରହଣ କରି ଦେବୀ ମହାମାୟା ଜଗତଈଶ୍ୱରୀ ରାଧା ଗଙ୍ଗାଙ୍କୁ କ୍ଷମା ପ୍ରଦାନ କଲେ । ତେଣୁ ଗଙ୍ଗା ସେହି ମୁହୂର୍ତ୍ତରେ କୃଷ୍ଣଙ୍କ ନଖକୋଣରୁ

ସମସ୍ତଙ୍କ ସମ୍ମୁଖରେ ବାହାରି ଆସିଲେ । ପ୍ରଥମରେ ଜଳରୂପ ନେଲେ ଓ ପରେ ଜଳର ଅଧିଷ୍ଠାତ୍ରୀ ଦେବୀ ରୂପରେ ପ୍ରକଟ ହେଲେ । ତାହା ଦେଖି ଉପସ୍ଥିତ ସମସ୍ତ ଆଶ୍ରୟୀ ଅମରବୃନ୍ଦ ଆନନ୍ଦିତ ହେଲେ । ବ୍ରହ୍ମା ସେହି ଜଳକୁ କିଛି ନେଇ ଆପଣା କମଣ୍ଡଳୁରେ ରଖିଲେ । ସଦାଶିବ କିଛି ଅଂଶ ନେଇ ଜଟାରେ ରଖିଲେ । ପ୍ରଜାପତି ବ୍ରହ୍ମା ସେହି ସମୟରେ ଗଙ୍ଗାଙ୍କ କର୍ଣ୍ଣରେ ରାଧାଙ୍କ ମନ୍ତ୍ର, କବଚ, ସ୍ତୋତ୍ର, ଧ୍ୟାନ ଇତ୍ୟାଦି ଦେଇ ପୂଜାବିଧାନ ଶିଖାଇ ଦେଲେ । ଗଙ୍ଗା ସଙ୍ଗେ ସଙ୍ଗେ ରାଧାଙ୍କୁ ପୂଜା ସମର୍ପଣ କରି ବୈକୁଣ୍ଠ ଗମନ କଲେ ଓ ଲକ୍ଷ୍ମୀ, ସରସ୍ୱତୀ, ତୁଳସୀଙ୍କ ସହ ମିଶି ବିଷ୍ଣୁଙ୍କ ପାଖରେ ଆନନ୍ଦରେ ରହିଲେ । ସେହିଦିନୁ ଗଙ୍ଗା ଏକାଧାରରେ ଗୋଲୋକ, ବୈକୁଣ୍ଠ, ଶିବଲୋକ ଓ ବ୍ରହ୍ମଲୋକରେ ଅବସ୍ଥାନ କଲେ ।

ଭଗୀରଥଙ୍କୁ ବର ପ୍ରଦାନ କରି ବିଷ୍ଣୁ (କୃଷ୍ଣ) ଗଙ୍ଗାଙ୍କୁ ସ୍ମରଣ କଲେ । ପ୍ରଭୁଙ୍କ ଆବାହନରେ ତତ୍‌କ୍ଷଣାତ୍ ଦେବୀ ଆବିର୍ଭୂତା ହୋଇ ପ୍ରଣାମ ନିବେଦନ କଲେ । ଏହାପରେ ପ୍ରଭୁ ଆଜ୍ଞାଦେଲେ, ‘‘ଦେବୀ ଗଙ୍ଗା ! ସୂର୍ଯ୍ୟବଂଶ ଅବତଂସ ଭଗୀରଥ ତୁମକୁ ନେବାପାଇଁ ତପ କରୁଛନ୍ତି । ପୂର୍ବରୁ ସରସ୍ୱତୀ ତୁମକୁ ଅଭିଶାପ ଦେଇଛନ୍ତି । ତେଣୁ ତୁମେ ଏବେ ନଦୀରୂପ ନେଇ ଭାରତବର୍ଷରେ ବହିଯାଅ । ତୁମରି ପବିତ୍ର ଜଳରାଶି ସ୍ପର୍ଶ ପାଇ କପିଳମୁନିଙ୍କ କ୍ରୋଧାଗ୍ନିରେ ଭସ୍ମ ହୋଇଥିବା ସଗର ରାଜାଙ୍କ ଷାଠିଏ ହଜାର ପୁତ୍ର ମୁକ୍ତି ଲାଭ କରି ବୈକୁଣ୍ଠ ପ୍ରାପ୍ତ ହେବେ । ଆଜିଠାରୁ ଭାରତରେ ଯେତେ ପାପୀଜନ ତୁମ ଜଳରେ ସ୍ନାନ କରିବେ କୋଟି ଜନ୍ମକୃତ ପାପ ସେମାନଙ୍କର ଧ୍ୱଂସ ହେବ ।’’ ଆଜ୍ଞା ପ୍ରଦାନ କରି ଦେବାଧିଦେବ ଗଙ୍ଗାରେ ସ୍ନାନ କଲେ ଯେଉଁ ଫଳପ୍ରାପ୍ତି ହେବ ତାହାକୁ ବିସ୍ତୃତ ଭାବରେ ପ୍ରକାଶ କଲେ । ସ୍ତୁତି ବନ୍ଦନା ସହ ପୂଜା ସମର୍ପଣ କରି ଗଙ୍ଗାଙ୍କୁ ସଙ୍ଗରେ ନେଇଯିବା ପାଇଁ ଭଗୀରଥଙ୍କୁ ଆଦେଶ ପ୍ରଦାନ କଲେ । ଏହାପରେ ଗଙ୍ଗା ଓ ଭଗୀରଥ ବିଷ୍ଣୁଙ୍କ ପଦପଙ୍କଜରେ ଦଣ୍ଡ ପ୍ରଣାମ ସମର୍ପଣ କଲେ । ଉଭୟଙ୍କର ମନୋରଥ ପୂର୍ଣ୍ଣପାଇଁ ଆଶୀର୍ବାଦ ଦେଇ ବିଷ୍ଣୁ ଅନ୍ତର୍ଦ୍ଧାନ ହେଲେ । ଭଗୀରଥ ‘କୌଥୁମୋକ୍ତ’ ଧ୍ୟାନ ସ୍ତୋତ୍ର ପାଠ କରି ଭକ୍ତିଭରେ ଦେବୀଙ୍କର ପୂଜାବିଧି ବନ୍ଦନା କଲେ ଓ ଯେଉଁଠାରେ ସଗରପୁତ୍ର ଦଗ୍ଧ ହୋଇଥିଲେ ସେହି ସ୍ଥାନକୁ ପତିତପାବନୀ ଗଙ୍ଗାଙ୍କୁ ପହଞ୍ଚାଇ ଦେଲେ । ସେହିଦିନୁ ଗଙ୍ଗା ପାପନାଶକ ମହାଶକ୍ତି ଧାରଣ କରି ମର୍ତ୍ତ୍ୟରେ ପ୍ରବାହିତ ହେଲେ ।

ଆଲୋଚ୍ୟ ମହାଦେବୀ ଗଙ୍ଗା, ସରସ୍ୱତୀ ଓ ପଦ୍ମାବତୀ (ଲକ୍ଷ୍ମୀ) ମର୍ତ୍ତ୍ୟଧାମର ପବିତ୍ର ଭାରତ ଭୂମିରେ ପ୍ରବାହିତ ହୋଇ ଯେଉଁ ଶକ୍ତିର ଅଧିକାରିଣୀ ହୋଇଥିଲେ ଓ ଜୀବଜଗତଙ୍କୁ ଉଦ୍ଧାର କରୁଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରୁଛୁ । ପୂର୍ବରୁ ଆଲୋକପାତ କରିଛୁ, ଗୋଲୋକର ଅବସ୍ଥିତି ହିଁ ଜଳାଧାର । ସର୍ବପାପ ବିନାଶିନୀ ମନ୍ଦାକିନୀ (ଗଙ୍ଗା) ଗୁପ୍ତରେ ସର୍ବସ୍ଥାନରେ ବିରାଜିତା । ତେଣୁ ଧରାପୃଷ୍ଠରେ ଯେତେନଦୀ, ଜଳାଧାର ଅଛନ୍ତି ସମସ୍ତେ ସେହି ବ୍ରହ୍ମସନାତନୀ ଗୋଲୋକସରାଧାରିଣୀ ଗଙ୍ଗାଙ୍କ ଅଂଶ ବିଶେଷ ଅଟନ୍ତି । ସରସ୍ୱତୀ, ପଦ୍ମାବତୀ ଆଦି ସମସ୍ତ ପୂଣ୍ୟତୋୟା ଏକ ଅଟନ୍ତି । କାରଣ ସେମାନଙ୍କର ମୂଳ ଆଧାର ଏକ, ମାତ୍ର ରୂପ, ଆକୃତି ଭିନ୍ନ ଭିନ୍ନ । ଉପରୋକ୍ତ ତିନି ଦେବୀ ଧରାପୃଷ୍ଠକୁ ଆସିବାପରେ ତାଙ୍କ ଅଙ୍ଗ ସ୍ରୋତରୁ, ଅନେକ ନଦୀ ସୃଷ୍ଟି ହୋଇଛନ୍ତି । ସମସ୍ତ ନଦୀ ଧାରସହ ଗଙ୍ଗାଧାର ଗୁପ୍ତ ସଲିଳା ହୋଇ ଜଡ଼ି ରହିଛନ୍ତି । ତେଣୁ ସେମାନେ ପୂଣ୍ୟତୀର୍ଥର ମର୍ଯ୍ୟାଦା ଲାଭ କରିଛନ୍ତି । ତେବେ ତିଥି, ବାର, ମାସ ଓ ନକ୍ଷତ୍ର ବିଚାରରେ ସେହି ପୂଣ୍ୟତୋୟା ତୀର୍ଥସ୍ନାନର ଫଳ ପୃଥକ ହୋଇଥାଏ । ସେହି ପୂଣ୍ୟତୋୟା ନଦୀମାନଙ୍କ ମଧ୍ୟରୁ ପ୍ରକାଶିତ ତୀର୍ଥର ନାମ - ଗଣ୍ଡକୀ, ଯମୁନା, ସରସ୍ୱତୀ, ଗୋଦାବରୀ, ବ୍ରହ୍ମପୁତ୍ର, ସିନ୍ଧୁ, କାବେରୀ, ବ୍ରାହ୍ମୀ (ବ୍ରାହ୍ମଣୀ), ନର୍ମଦା, ଚନ୍ଦ୍ରଭାଗା, ଚିତ୍ରୋତ୍ପଳା, ଭାର୍ଗବୀ, ଗୋମତି, ଋଷିକୁଲ୍ୟା, ବୈତରଣୀ, ପଦ୍ମା, ଭାଗିରଥୀ (ଗଂଗା), କରତୋୟା, କୁଶଭଦ୍ରା, ସରଯୁ, ପ୍ରଭାସ, ପ୍ରୟାଗ, ପୁଷ୍କର, କୁରୁକ୍ଷେତ୍ର, ଗୟା, ଶତଦ୍ରୁ, କୋକଳ, ଘର୍ଘରା, ଶୋଣ, ସିନ୍ଧୀ ହିରଣାକ୍ଷ, ପିଣ୍ଡାରକ, ମହାନଦୀ, ଖରସ୍ରୋତା, ବଧୂସରା, ଦୟା, ରତ୍ନଚିରା, ବିରୂପା ଆଦି ବିଖ୍ୟାତ ଅଟନ୍ତି ।

ବୈଶାଖ ମାସ ସାରା ପ୍ରତିଦିନ ଭକ୍ତିପୂତ ହୃଦୟରେ ଗଂଗାସ୍ନାନ କଲେ ବିଷ୍ଣୁ ତା'ର ସମସ୍ତ ପାପ ଖଣ୍ଡନ କରନ୍ତି । କାୟିକ, ବାଚିକ, ମାନସିକ ପାପରାଶି ବୈଶାଖ ଗଂଗାସ୍ନାନରେ ଧ୍ୱଂସ ହୋଇ ଅନ୍ତକାଳରେ ନିର୍ବିଘ୍ନରେ ବୈକୁଣ୍ଠବାସ ସୌଭାଗ୍ୟ ପ୍ରାପ୍ତ ହୁଏ, ଏହି ମାସରେ ଗଙ୍ଗା-ସାଗର ସଂଗମ ସ୍ଥଳରେ ସ୍ନାନ କଲେ ଦଶବିଧ ପାପ ନାଶନ ହୁଏ । ମାଘମାସରେ ପ୍ରୟାଗରେ ସ୍ନାନକଲେ ଦୁଃଖ, ଦାରିଦ୍ର୍ୟ ଦୋଷ କଟିଯାଏ ଏବଂ ବ୍ୟକ୍ତି ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତ ହୁଏ । ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥରେ ପ୍ରାତଃସ୍ନାନ କଲେ ମହାପୂଣ୍ୟ ଲାଭ

ସଂଗେ ସଂଗେ ସପ୍ତପୁରୁଷ ନର୍କରୁ ଉଦ୍ଧାର ପାଆନ୍ତି । ଏହିମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ 'ରଟନ୍ତୀ' ତୀଥି ନାମରେ ପ୍ରସିଦ୍ଧ ଅଟେ । ଏହିଦିନ ସୂର୍ଯ୍ୟ ଉଦୟ ସମୟରେ ତୀର୍ଥସ୍ନାନ କଲେ ସାତଜନ୍ମର ପାତକ ନାଶ ହୁଏ । ମରଣକାଳରେ ଯମଦର୍ଶନ ହୁଏ ନାହିଁ । ମୃତ୍ୟୁପରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ଚୈତ୍ର ଶୁକ୍ଳ ଅଷ୍ଟମୀରେ ବ୍ରହ୍ମପୁତ୍ର ନଦୀରେ ଯିଏ ସ୍ନାନ କରେ ସିଏ ପୁନର୍ଜନ୍ମ ପାଏ ନାହିଁ । ଭାଦ୍ରମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଯମୁନାରେ ସ୍ନାନ କଲେ ବହୁ ଜନ୍ମାର୍ଜିତ ପାପ ଦହନ ହୁଏ । ଏହିଦିନ କରତୋୟା ନଦୀରେ ସ୍ନାନ କଲେ ଗୋହତ୍ୟା ଆଦି ପାତକ ନାଶ ହୁଏ । ସେ ବ୍ୟକ୍ତି ମହାଦେବଙ୍କର ଅତି ପ୍ରିୟ ହୁଏ । ମାଘ ଶୁକ୍ଳ ସପ୍ତମୀରେ ସରସ୍ୱତୀ ଜଳରେ ସ୍ନାନ କଲେ ଅଶେଷ ପାତକ କ୍ଷୟ ହୁଏ । ଇହକାଳେ ସୌଭାଗ୍ୟ ପ୍ରାପ୍ତ ହୁଏ । ପରକାଳରେ ସ୍ୱର୍ଗସୁଖ ପ୍ରାପ୍ତ ହୁଏ । ସ୍ୱର୍ଗଭୋଗ ପରେ ମର୍ତ୍ତ୍ୟଧାମରେ ଜନ୍ମନେଇ ରାଜଭୋଗ କରେ । ଶିବରାତ୍ରି ତିଥିରେ ଗଙ୍ଗାସ୍ନାନ କଲେ ଅସଂଖ୍ୟ ପାପ ନାଶ ହୁଏ । ଏହିଦିନ ବାରାଣସୀ କ୍ଷେତ୍ରରେ ମଣିକର୍ଣ୍ଣିକା ଘାଟରେ ସ୍ନାନ କଲେ ବ୍ରହ୍ମହତ୍ୟା ମହାପାପରୁ ମୁକ୍ତି ମିଳେ । ଧନ, ଜନ, ଗୋପ, ଲକ୍ଷ୍ମୀ ଆଦି ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ । ପରକାଳରେ ସ୍ୱର୍ଗ ସୁଖ ପାଏ । ଶ୍ରୀରାମ ନବମୀରେ ଯେଉଁ ଭାଗ୍ୟବାନ ସରଯୂନଦୀର ଜଳରେ ସ୍ନାନ କରେ ସେ ଲକ୍ଷ୍ମୀ ବିଷ୍ଣୁଙ୍କ ଆଶୀର୍ବାଦ ଲାଭ କରି ସର୍ବପାପରୁ ମୁକ୍ତି ଲାଭ କରେ । ଗଣ୍ଡକୀ ନଦୀର ଜଳରେ ସ୍ନାନ କଲେ ଇହକାଳରେ ମହାସୁଖୀ ଓ ପରକାଳରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ନର୍ମଦାନଦୀ ସ୍ନାନରେ ଯମ ଯାତନାରୁ ତ୍ରାହି ମିଳେ । କାବେରୀ ନଦୀରେ ସ୍ନାନ କଲେ ସକଳ ମହାପାପରୁ ମୁକ୍ତି ମିଳେ । ସିନ୍ଧୁ ତୀର୍ଥରେ ସ୍ନାନକଲେ ଅନ୍ତିମକାଳରେ ଯମଭୟ ରହେନାହିଁ । କୁରୁକ୍ଷେତ୍ରରେ ସ୍ନାନକଲେ ମହାସଙ୍କଟ ମୋଚନ ହୁଏ । ପିତୃପକ୍ଷରେ ଗୟାକ୍ଷେତ୍ରରେ ସ୍ନାନ, ତର୍ପଣ କଲେ କୋଟିକୁଳ ଉଦ୍ଧାର ହୋଇଥାଏ ଏବଂ ଆପେ ଯମଯନ୍ତ୍ରଣାରୁ ନିସ୍ତାର ଲାଭ କରେ । ପୁଷ୍କର ତୀର୍ଥ ସ୍ନାନରେ ମହାପୂଣ୍ୟ ଅର୍ଜନ ହୁଏ । ପ୍ରଭାସ ତୀର୍ଥରେ ପ୍ରାତଃସ୍ନାନ କଲେ ସପ୍ତ ପୁରୁଷ ଉଦ୍ଧାର ପାଆନ୍ତି ଓ ନିର୍ବାଣ ପ୍ରାପ୍ତି ହୁଏ । ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ର ଯୋଗହେଲେ ବାରୁଣୀ ଯୋଗହୁଏ । ଏହି ଦିନ ତୀର୍ଥ ସ୍ନାନ କଲେ ଏକଶତ ସୂର୍ଯ୍ୟ ପରାଗରେ ଯେଉଁ ପୂଣ୍ୟଅର୍ଜନ ହୁଏ ସେହି ଫଳ ମିଳେ । ଶତଭିଷା ନକ୍ଷତ୍ର ସହ ଶନିବାର ଯୁକ୍ତ ହୋଇଗଲେ ତାହାକୁ ମହାମହା ବାରୁଣୀ ଯୋଗ କହନ୍ତି । ଏହି

ଯୋଗରେ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସରେ ଯେଉଁ ବ୍ୟକ୍ତି ତୀର୍ଥ ସ୍ନାନ କରେ ତାହାର ତିନିକୋଟିକୁଳ ଉଦ୍ଧାର ପାଆନ୍ତି ଓ ସେ ବ୍ୟକ୍ତି ଅନ୍ତିମରେ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ଜ୍ୟେଷ୍ଠମାସ ପୂର୍ଣ୍ଣିମାରେ ଜ୍ୟେଷ୍ଠା ନକ୍ଷତ୍ର ଯୁକ୍ତ ହୋଇ ତହିଁରେ ଯଦି ବୃହସ୍ପତି ଓ ଚନ୍ଦ୍ର ଅବସ୍ଥାନ କରନ୍ତି, ରୋହିଣୀ ନକ୍ଷତ୍ରରେ ସୂର୍ଯ୍ୟ(ରବି) ଅବସ୍ଥାନ କରନ୍ତି, ଏବଂ ଗୁରୁବାର ଯୋଗ ଯୁକ୍ତ ହୋଇଥାଏ ତେବେ ତାହାକୁ ମହାଜ୍ୟେଷ୍ଠୀ ଯୋଗ କହନ୍ତି । ଏହି ଦିନ ପ୍ରାତଃ ସମୟରେ ତୀର୍ଥ ସ୍ନାନ କଲେ ସର୍ବଶୁଭ ଲାଭ ହୋଇ ଅନ୍ତିମେ ମୋକ୍ଷ ପ୍ରାପ୍ତ ହୁଏ । ଏହି ଦିନ ଶ୍ରୀ ପୁରୁଷୋତ୍ତମ ଧାମ ଦର୍ଶନ ସହ ପଞ୍ଚତୀର୍ଥ ଯଥା : ମାର୍କଣ୍ଡେୟ, ବଟକୃଷ୍ଣ, ରୋହିଣୀକୁଣ୍ଡ, ମହୋଦଧି, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର ସରୋବରରେ ସ୍ନାନ କଲେ ଅନନ୍ତ ଫଳ ପ୍ରାପ୍ତ ହୋଇ ବିଷ୍ଣୁଲୋକ ପ୍ରାପ୍ତ ହୁଏ । ବୈଶାଖ ଅମାବାସ୍ୟା ତିଥିରେ ଦ୍ୱିଜା ନକ୍ଷତ୍ର ଯୁକ୍ତ ହେଲେ ତାହାକୁ ସୂର୍ଯ୍ୟମହତୀ ସ୍ନାନ କହନ୍ତି । ଏହିଦିନ ତୀର୍ଥସ୍ନାନ କଲେ ଗୋହତ୍ୟା ପାପରୁ ମୁକ୍ତିମିଳେ । ଏହିସବୁ ପର୍ବ ତିଥି ଦିବସରେ ବିଧିମତେ ସ୍ନାନ କଲେ ଶତକୋଟି ଜନ୍ମ ପାତକ ଖଣ୍ଡନ ହୁଏ । ଜ୍ଞାନ ବା ଅଜ୍ଞାନରେ ଯେଉଁ ବ୍ୟକ୍ତି ବ୍ରହ୍ମହତ୍ୟା ଆଦି ଘୋରପାପ କରିଥିବ ସେ ଯଦି ତୀର୍ଥରେ ମୌଷଳ ସ୍ନାନ କରିବ ତେବେ ତା ଦେହରେ ଲେଶମାତ୍ର ପାପ ରହିବ ନାହିଁ । ସୂର୍ଯ୍ୟ ସଂକ୍ରମଣ, ପୂର୍ଣ୍ଣିମା, ଅମାବାସ୍ୟା, ଉତ୍ତରାୟଣ କାଳ, ଦକ୍ଷିଣାୟନ କାଳ, ଚତୁର୍ମାସ୍ୟା ସମୟ, ଅକ୍ଷୟ ତିଥିରେ ତୀର୍ଥସ୍ନାନ କରୁଥିବା ବ୍ୟକ୍ତିର ପ୍ରାପ୍ତ ହେଉଥିବା ପୁଣ୍ୟଫଳ ବେଦପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇ ପାରିନାହିଁ ।

ଉପରୋକ୍ତ ଦୁର୍ଲଭ ମହାଶକ୍ତି ଧାରିଣୀ ଜଗତ କଲ୍ୟାଣକାରିଣୀ ମହାଦେବୀମାନେ ସେମାନଙ୍କର ଅଭିଶାପର ସମୟ ଅତିକ୍ରାନ୍ତ ହେବାପରେ ନିଜ ନିଜର କଳାସହ ବୈକୁଣ୍ଠକୁ ଫେରିଗଲେ । ବ୍ରହ୍ମଆଜ୍ଞା ଓ ସେମାନଙ୍କର ଛାୟା କେବଳ ଜଳରାଶିରେ ରହିଗଲା । ଏହାହିଁ ନଦୀ, ତୀର୍ଥ ଏବଂ ତୀର୍ଥସ୍ନାନ ସଂପର୍କିତ ପୌରାଣିକ ଗାଥା ।

ଆଜି ଏହି ପୂଣ୍ୟଭୂମି ଇନ୍ଦୁପୁରରେ ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ ଓ ବାରୁଣୀ ତୀର୍ଥ ମହୋତ୍ସବ ପାଳିତ ହେଉଅଛି । ପୁରାଣବର୍ଣ୍ଣିତ ନଦୀ, ତୀର୍ଥ ଓ ତୀର୍ଥ ସ୍ନାନ ସମ୍ବନ୍ଧରେ ଶାସ୍ତ୍ରୀୟ ଚିନ୍ତାଧାରାରେ ମଗ୍ନ ରହିଥିବା ଜଣେ ଅନୁଗତ ସେବକର ମନରେ ଅନେକ ପ୍ରଶ୍ନ ଉଦ୍ରେକ ହୋଇଗଲା । ବ୍ୟାକୁଳ ହୋଇ ସେ ତା'ର ହୃଦୟେଶ୍ୱର ସ୍ୱର୍ଣ୍ଣକ୍ଷେତ୍ରାଧିପତି ପରମକାରୁଣିକ ପରମେଶଙ୍କୁ ସ୍ତୁତି ବନ୍ଦନା କରି ଜିଜ୍ଞାସା କଲା :

ଭୋ ଦେବ ଜଗତ ଗୋସାଇଁ । ତୁମେ ହିଁ ରାସେଶ୍ୱର ରାଇ ॥
ତୁମେ ହିଁ କାରଣ ଜୟର । ତୁମେ ହିଁ ପ୍ରଭୁ ବିଶ୍ୱଧର ॥
ବିଶ୍ୱର ଈଶ୍ୱର ହେ ସ୍ୱାମୀ । ସକଳ ଘଟ ଅନ୍ତର୍ଯ୍ୟାମୀ ॥
ବିଶ୍ୱପାଳକ ବିଶ୍ୱହନ୍ତା । ଅନନ୍ତ ବ୍ରହ୍ମାଣ୍ଡ ନିୟନ୍ତା ॥
ନାନାରୂପରେ ଜାତହୁଅ । ଖେଳି ଖେଳାଇ ଫଳଦିଅ ॥
ହେ ତେଜରୂପୀ ମହାବାହୁ । ଘାରିଛି ମୋତେ କାଳରାହୁ ॥
ଆଦ୍ୟଅନ୍ତ ମୁଁ ପାଉନାହିଁ । ତୁମକୁ ବୁଝି ପାରୁନାହିଁ ॥
ନଦୀ ଓ ମହୋଦଧି ଜଳେ । ସ୍ନାନରେ ତୀର୍ଥ ଫଳ ମିଳେ ॥
ଏ ଅଟେ ଶାସ୍ତ୍ରର ବଚନ । ଭ୍ରମରେ ମାନୁନାହିଁ ମନ ॥
ଶାପ ଭୋଗର ଅନ୍ତ କାଳେ । ବୈକୁଣ୍ଠ ଦେବୀ ଚଳିଗଲେ ॥
ତାଙ୍କର ସ୍ଥିତିବିନା ଧାର । କିପରି ତୀର୍ଥେ ହେଲା ସାର ॥
ଦୟାକର ହେ ପ୍ରାଣପତି । ଚଞ୍ଚଳ ନ କର ମୋ ମତି ॥
ବୁଝାଇ ଦିଅ ତା କାରଣ । ନୋହିଲେ ଜନ୍ମ ଅକାରଣ ॥

ଜିଜ୍ଞାସୁ ସେବକ ଜଣକ ଯୋଡ଼ ହସ୍ତରେ ସ୍ତୁତି ପ୍ରାର୍ଥନା କରି କହିଲା, 'ହେ ଗୁରୁ ସ୍ୱାମୀ ! ତୁମେ ଏ ଜଗତ ସୃଷ୍ଟିର କାରଣ । ତୁମେ ରାସେଶ୍ୱର ଓ ତୁମେ ହିଁ ରାଇ ରାସେଶ୍ୱରୀ । ତୁମେ ହିଁ ବିଶ୍ୱର ଈଶ୍ୱର, ପାଳକ, ହନ୍ତା ଓ ଅନନ୍ତ କୋଟି ବ୍ରହ୍ମାଣ୍ଡର ନିୟନ୍ତା ଅଟ । ନିଜ ଇଚ୍ଛାରେ ନାନାରୂପରେ ଜାତ ହୁଅ । ନିଜେ ଖେଳି ଜୀବକୁ ଖେଳାଇ ଫଳଦାନ କର । ହେ ତେଜରୂପୀ ମହାବାହୁ ! ମୁଁ ଅକିଞ୍ଚନ କାଳରାହୁ କବଳରେ ଅଚେତନ ହୋଇ ପଡ଼ିରହିଛି । ତୁମର ଆଦ୍ୟଅନ୍ତ ପାଉନାହିଁ କି ତୁମକୁ ବୁଝି ପାରୁନାହିଁ । ଶାସ୍ତ୍ର ବଚନ ଅନୁସାରେ ନଦୀମାନେ ବ୍ରହ୍ମଲୀଳାର ଅଂଶରେ ପରସ୍ପର ଅଭିଶାପ ପ୍ରଭାବରୁ ମହାଦେବୀମାନଙ୍କ ଅଙ୍ଗରୁ ସୃଷ୍ଟି ହେଲେ । ଜଳାଧାରରେ ସେମାନେ ଅଂଶୀୟ କଳା ନେଇ ଦ୍ରବ୍ୟ ରୂପରେ ଅବସ୍ଥାନ କରିଥିବାରୁ ସେଥିରେ ସ୍ନାନକଲେ ଅନନ୍ତ ଫଳ ପ୍ରାପ୍ତି ହୁଏ ବୋଲି ବର୍ଣ୍ଣିତ ହେଲା । ଶାପସମୟ ଅତିବାହିତ ହେବାପରେ ସେମାନେ ନିଜ ନିଜର କଳା ନେଇ ବୈକୁଣ୍ଠକୁ ଫେରିଗଲେ । ତେଣୁ ତାଙ୍କର ଅନୁପସ୍ଥିତରେ ସେହି ଜଳାଧାର କିପରି ପୂର୍ବପରି କଳୁଷନାଶିନୀ ହୋଇ ରହିଲା ? ଦୟାକରି ବୁଝାଇ ଦିଅନ୍ତୁ ।

ଜିଜ୍ଞାସୁର ମୂଢ଼ତା ଦେଖି ଚକ୍ରପାଣି ମୃଦୁମୃଦୁ ହସିଦେଲେ । ମାତ୍ର ମନରେ ଅଜ୍ଞାନୀ ପ୍ରତି ଦୟାବହି କହିଲେ-

ବ୍ରହ୍ମଙ୍କ ଆଜ୍ଞା ଶିରେ ନେଇ । ନଦୀ ଯେ ଯାଆନ୍ତି ବହି ॥
ଜଳର ଆକାର ଗୋଲୋକ । ସେଠାରୁ ସୃଷ୍ଟି ସର୍ବଲୋକ ॥
ସେହି ଜଳରୁ ଜାତ ହୋଇ । ବାରୁଣୀ ନାମ ତା ବୋଲଇ ॥
ତାଙ୍କରି ଦୃଷ୍ଟିର ପ୍ରଭାବେ । ଅକ୍ଷୟ ତୀର୍ଥ ଫଳ ଭବେ ॥
ବ୍ରହ୍ମ ଅଂଗରୁ ଜାତ ଯେଣୁ । ଅସୀମ ଶକ୍ତିମୟୀ ତେଣୁ ॥
ଯେବେଳେଯେଠାରେଯେ ଧାର । ବିଶ୍ୱାସେ ସ୍ନାନ କରେ ନର ॥
ବାରୁଣୀ କୃପା ଲାଭ କରେ । ଜନମ ଧନ୍ୟ ହୁଏ ତାରେ ॥
ଦେବୀଙ୍କ ବୈକୁଣ୍ଠ ଗମନ । ଅଟଇ ବିଧିର ବିଧାନ ॥

ବ୍ରହ୍ମଙ୍କ ଆଜ୍ଞାକୁ ବହନ କରି ନଦୀମାନେ ବହିଯାଉଛନ୍ତି । ଆଗରୁ ଜାଣିଛୁ ଗୋଲୋକଧାମ ହିଁ ଜଳର ଆକାର । ସେହି ଗୋଲୋକରୁ ସକଳ ଲୋକ ସୃଷ୍ଟି ହୋଇଅଛି । ତେଣୁ ଜଳ ହିଁ ବ୍ରହ୍ମଙ୍କର ଅନ୍ୟରୂପ । ସେହି ଜଳରାଶିର ଅଧିଷ୍ଠାତ୍ରୀ ଦେବୀ ବାରୁଣୀ । ବିଧିର ବିଧାନରେ ଦେବୀମାନେ ବୈକୁଣ୍ଠକୁ ଫେରିଗଲେ । କିନ୍ତୁ ବାରୁଣୀଙ୍କ ଦୃଷ୍ଟିର ପ୍ରଭାବରେ ନଦୀମାନଙ୍କର ପୂଣ୍ୟସ୍ନାନ ଫଳ ଅକ୍ଷୟ ହୋଇ ରହିଲା । ତେଣୁ ଯେ କୌଣସି ତୀର୍ଥରେ ପୂର୍ଣ୍ଣ ବିଶ୍ୱାସ, ଭକ୍ତି ଓ ସମର୍ପିତ ମନରେ ଯିଏ ସ୍ନାନ କରେ ବ୍ରହ୍ମଅଂଗସମ୍ଭୂତା ବାରୁଣୀଙ୍କ କୃପା ଲାଭ କରି ସିଏ ସେହି ସେହି ତୀର୍ଥସ୍ନାନ ଫଳ ପ୍ରାପ୍ତି ହୁଏ ।

ଏହା ଶୁଣି ଜିଜ୍ଞାସୁ ବିବ୍ରତ ହୋଇଗଲା । ତା' ମନରେ ପୁନରାୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଗଲା । ତେଣୁ କୃତାଞ୍ଜଳି ପୁଟରେ ପୁନଃ ପ୍ରାର୍ଥନା କଲା ।

ହେ ନାଥ ଭାଗ୍ୟର ବିଧାତା । କିପାଇଁ କୁହ କୁଟକଥା ॥
ଯେତେକ ଅଛି ଶାସ୍ତ୍ରବାଣୀ । ତୀର୍ଥରେ ଶ୍ରେଷ୍ଠ ସେ ବାରୁଣୀ ॥
ସ୍ନାନ ତ ନଦୀ ଧାରେ ହୁଏ । ତହିଁରୁ ଫଳପ୍ରାପ୍ତି ହୁଏ ॥
ବାରୁଣୀ ତୀର୍ଥ ନାମ ହେଲା । ଶାସ୍ତ୍ରରୁ ଜାଣି ତ ନହେଲା ॥

ତୁମେ ବି କହୁଛ ବାରୁଣୀ । ମନ ମୋ ହୁଏ ତେଣୁ ଗୁଣି ॥
କେଉଁଠି ବାରୁଣୀ ଅଛନ୍ତି । କି ଭାବେ ତୀର୍ଥରେ ମିଶନ୍ତି ॥
କିପରି ତାଙ୍କୁ ଜାଣି ହେବ । ହୋଇବ ମୋର ଅନୁଭବ ॥
କୁହ ହେ ସ୍ୱର୍ଣ୍ଣକ୍ଷେତ୍ର ପତି । ଶୁଣି ସ୍ଥିର ହେଉ ମୋ ମତି ॥

ହେ ନାଥ ! ତୁମେ ହିଁ ବିଧାତା । ମୋ ସଙ୍ଗେ ଏପରି କୁଟ କଥା କହି ଖେଳୁଛ କାହିଁକି ? ପୁରାଣ ଆଦି ଯେତେ ଶାସ୍ତ୍ର ଅଛି ସମସ୍ତେ ବାରୁଣୀ ତୀର୍ଥକୁ ଶ୍ରେଷ୍ଠ କରିଛନ୍ତି । ସ୍ନାନ ତର୍ପଣ ତ ନଦୀ, ମହୋଦଧିରେ ହୁଏ । ବାରୁଣୀ ନାମରେ ତ ନଦୀ ନାହିଁ । ତେଣୁ ନଦୀ ସ୍ନାନରେ ବାରୁଣୀ ତୀର୍ଥ କିପରି ହୁଏ ? କେଉଁଠାରେ ସେ ଦେବୀ ବାରୁଣୀ ଅଛନ୍ତି ? କିପରି ତାଙ୍କୁ ଜାଣିହେବ ? ଅନୁଭବ କରିହେବ ? ଦୟାକରି ବୁଝାଇ ଦିଅନ୍ତୁ ।

ଏହା ଶୁଣି ମନ୍ଦହାସ ଶ୍ୟାମ ଘନରୂପ କଲ୍ୟାଣମୟ ଠାକୁର କହିଲେ :

ଯେଉଁ ବିଷୟ ପାଇଁ ମନ । ଦେଇ ଅଥୟ ହେଉ ଧନ ॥
ତା ଅଟେ ଗହନର କଥା । ଶୁଣିଲେ ଘୁରି ଯିବ ମଥା ॥
କେବଳ ଧ୍ୟାନ ଯୋଗ ପଥେ । ସେ ଜ୍ଞାନ ଖସଇ ତୁରିତେ ॥
ସମାଧି ବିନା ଅସମ୍ଭବ । ପାଏନା କେହି ଅନୁଭବ ॥
ଯେବେ ତୁ ପଚାରୁଛୁ ଶୁଣ । ସ୍ଥିର ଚିତ୍ତରେ ମନେ ଗୁଣ ॥
ଶାପ ଭୋଗର ଅନ୍ତକାଳେ । ଯେଦେବୀ ଥିଲେ ନଦୀଜଳେ ॥
ଫେରିଲେ ବୈକୁଣ୍ଠେ ବିଧାନେ । ରଖିଲେ ଛାୟା ସେହି ସ୍ଥାନେ ॥
ଜାଣିଲେ ସୁର ସୂକ୍ଷ୍ମ ଯୋଗୀ । ଯେଣୁ ଅଟନ୍ତି ଅନୁଭବି ॥
ଜୀବ ଜଗତ ଦୁଃଖ ଦେଖି । ହୋଇଲେ ଅତି ନିରିମାଖୀ ॥
ସୂକ୍ଷ୍ମରେ ଗଲେ ସେ ଗୋଲୋକ । ସ୍ତୁତି କରିଲେ ସର୍ବଲୋକ ॥
ଦେବୀ ତ ନାହାନ୍ତି ତୀର୍ଥରେ । କିପରି ରହିବ ଧରାରେ ॥
ତେଣୁ ହେ ସର୍ବଲୋକ ପତି । ଉପାୟ କର ତୀର୍ଥ ଗତି ॥
ସ୍ତୁତିରେ ସନ୍ତୁଷ୍ଟ ହୋଇଲେ । ତଥାସ୍ତୁ ବୋଲିଣ କହିଲେ ॥

ଯେଉଁ ବିଷୟ ପାଇଁ ମନ କରିଛୁ ତାହା ଅତି ଗହନର କଥା । ଯୋଗୀ ଧ୍ୟାନ ବଳରେ ସମାଧିସ୍ଥ ନହେଲେ ତାହା ଅନୁଭବ କରିପାରିବ ନାହିଁ । ତଥାପି ଯେତେବେଳେ ଜାଣିବାକୁ ଇଚ୍ଛା କରିଛୁ ସଂକ୍ଷେପରେ ବୁଝାଇ ଦେଉଛି ଶୁଣ । ଅଭିଶାପ ପୂର୍ଣ୍ଣହେବା ପରେ ଦେବୀମାନେ ଯେତେବେଳେ ତାଙ୍କର ଛାୟାକୁ ନଦୀଜଳାଧାରରେ ରଖି ବୈକୁଣ୍ଠକୁ ଫେରିଗଲେ, ଦେବତା, ସୂକ୍ଷ୍ମ ଯୋଗୀ, ମୁନି, ଋଷି ଆଦି ଦିବ୍ୟଦ୍ରଷ୍ଟାମାନେ ତାହା ଜାଣିପାରିଲେ । ଦେବୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ବିନା ତୀର୍ଥସ୍ଥାନ ଅସମ୍ପୂର୍ଣ୍ଣ ହୋଇଯିବ ଓ ଜୀବଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବ ଏହାଜାଣି ସେମାନେ ଗୋଲୋକାଧିପତିଙ୍କୁ ପ୍ରାର୍ଥନାକଲେ ଏହାର କୌଣସି ବିକଳ୍ପ ଉପାୟ ସୃଷ୍ଟିକରି ବଦ୍ଧଜୀବ, ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ । ମହାମନିଷୀମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ପରଂବ୍ରହ୍ମ ନିରାକରଣ ଉପାୟ କରିବା ପାଇଁ ସମ୍ମତି ଦେଲେ ।

ନିଜ ଇଚ୍ଛାରେ ନିଜ ସୃଷ୍ଟି । ନିତ୍ୟ ରଚନ୍ତି ପରମେଷ୍ଠୀ ॥
ଭକ୍ତଙ୍କ କାତର ମିନତି । ଅସ୍ଥିର କଲା ତାଙ୍କ ମତି ॥
ନିଜର ଅଙ୍ଗରୁ ସମ୍ଭୂତ । ଭୂମା ରୂପରେ ହେଲେ ସ୍ଥିତ ॥
ବ୍ରହ୍ମ କଳାକୁ ଥାପି ଦେଲେ । ମଣ୍ଡଳଟିଏ ସୃଷ୍ଟିକଲେ ॥
ଭୂମାଙ୍କ ନାମ 'ପୂତପର୍ଣ୍ଣା' । ଅପୂର୍ବ ଜ୍ୟୋତି ଶୁଭ୍ରବର୍ଣ୍ଣା ॥
ବ୍ରହ୍ମଙ୍କ ଆଜ୍ଞା ପୂର୍ଣ୍ଣପାଇଁ । ସଦାଜାଗ୍ରତ ହେଲେ ସେହି ॥
ଅସଂଖ୍ୟ ବ୍ରହ୍ମ କଳା ରେଣୁ । ଝରିଲା କୋଣୁ ଅନୁକୋଣୁ ॥
ପବିତ୍ର ଚିନ୍ତା ସୁରଚନି । ଜୀବ ଉଦ୍ଧାର ମନେ ଘେନି ॥
ତିଥି, ନକ୍ଷତ୍ର, ବାର, ମାସ । ମଣ୍ଡଳେ ସୂକ୍ଷ୍ମ ପରକାଶ ॥
ସପତ ଲୋକ ପୀଠ କ୍ଷେତ୍ର । ସୂକ୍ଷ୍ମରେ ବିରାଜେ ସର୍ବତ୍ର ॥
ମହୋଦଧି ଓ ନଦୀଧାର । ଜ୍ୟୋତି ରେଣୁରେ ଭରପୁର ॥

ପରମେଷ୍ଠି ତାଙ୍କ ନିଜ ଇଚ୍ଛାରେ ଏ ସୃଷ୍ଟି ରଚନା କରିଛନ୍ତି । ଦେବୀଙ୍କ ଅବର୍ତ୍ତମାନରେ ମର୍ତ୍ତ୍ୟଭୂମି ଜୀବଜଗତଙ୍କ ଦାରୁଣ ଦୁର୍ଦ୍ଦଶାରେ ବ୍ୟାକୁଳିତ ଭକ୍ତମାନଙ୍କର କାତର ପ୍ରାର୍ଥନାରେ ସେ ଦ୍ରବୀଭୂତ ହୋଇ ପୂତପର୍ଣ୍ଣା ନାମକ ଭୂମା

ରୂପରେ ଆବିର୍ଭାବ ହେଲେ ଓ ଇଚ୍ଛାନୁଯାୟୀ ଧବଳବର୍ଣ୍ଣର ଜ୍ୟୋତିରେ ପୂର୍ଣ୍ଣ ହୋଇ ଏକ ମଣ୍ଡଳ ସୃଷ୍ଟି ହୋଇଗଲା । ଭୂମାଙ୍କ ନାମ ଅନୁସାରେ ଏହି ମଣ୍ଡଳର ନାମ **ପୂତପର୍ଣ୍ଣା** ମଣ୍ଡଳ ହେଲା । ବ୍ରହ୍ମଙ୍କ ରୂପାନ୍ତରିତ ରୂପ ଏହି ଭୂମା ଅସଂଖ୍ୟ ବ୍ରହ୍ମ କଳା ଧାରଣ କଲେ । ପବିତ୍ର ଚିନ୍ତା, ସୁଚଳନି ଆଦି ସମସ୍ତ ସୁଗୁଣ ଏଠାରେ ଗଚ୍ଛିତ ହୋଇ ରହିଲା । ଜ୍ୟୋତି ମାଧ୍ୟମରେ ମହୋଦଧି, ନଦୀଧାର, ସପ୍ତଲୋକ, ସର୍ବପୀଠ, ସର୍ବକ୍ଷେତ୍ର, ସର୍ବତୀର୍ଥ, ତିଥି, ନକ୍ଷତ୍ର, ବାର, ମାସ ଇତ୍ୟାଦି ମଣ୍ଡଳ ସହିତ ସଂଯୋଗ ସ୍ଥାପନ ହେଲା । ଫଳରେ ସେହି ସ୍ଥାନମାନଙ୍କରେ ପୂତପର୍ଣ୍ଣାଭୂମାଙ୍କର ସୂକ୍ଷ୍ମଜ୍ୟୋତି ପ୍ରତିଷ୍ଠିତ ହେଲା ।

**ମହାବ୍ରହ୍ମଙ୍କ ଆଜ୍ଞାନେଇ । ବାରୁଣୀ ଗୋଲୋକୁ ଓହ୍ଲାଇ ॥**
**ପ୍ରବେଶି ଏହି ମଣ୍ଡଳରେ । ରହିଲେ ଭୂମାଙ୍କ ଆଜ୍ଞାରେ ॥**
**ସୋରିଷକଳାର ଆକୃତି । ନେଇ ଭୂମାରେ କଲେ ସ୍ଥିତି ॥**
**ହରିଦ୍ରା ଲାଲ୍ ବର୍ଣ୍ଣ ନେଇ । ରଚିଲେ ନିତ୍ୟ ଲୀଳା ତହିଁ ॥**
**ସହସ୍ର ଅଂଶୁରେ ପ୍ରକାଶ । ସୂକ୍ଷ୍ମରେ ମର୍ତ୍ତ୍ୟକୁ ପ୍ରବେଶ ॥**
**ସପତ ଲୋକ ପଥଦେଇ । ଆସନ୍ତି ଧରାକୁ ଓହ୍ଲାଇ ॥**
**ମର୍ତ୍ତ୍ୟଧାମର ତୀର୍ଥ ପୀଠ । ମହିମାପୀଠ ଗୁରୁପୀଠ ॥**
**କ୍ଷେତ୍ର ଓ ଧାମ ଯେତେଅଛି । ମହିମା ଯହିଁ ପ୍ରକାଶିଛି ॥**
**ବାରୁଣୀ ଅଂଶୁ ବିଚ୍ଛୁରିତ । କୃପା ଝରଇ ଅବିରତ ॥**

ପୂତପର୍ଣ୍ଣା ଭୂମା ମଣ୍ଡଳ ସୃଷ୍ଟିପରେ ପରମେଶ୍ୱର ଗୋଲୋକରୁ ବାରୁଣୀଙ୍କୁ ଆଜ୍ଞା ପ୍ରଦାନ କଲେ । ସେହି ଆଦେଶ ଅନୁଯାୟୀ ବାରୁଣୀ ଏହି ମଣ୍ଡଳକୁ ଓହ୍ଲାଇ ଆସିଲେ । ସେହି ସମୟରୁ ହରିଦ୍ରା ଓ ଲାଲ୍ ବର୍ଣ୍ଣର ଜ୍ୟୋତିରେ ସୋରିଷକଳାର ଆକୃତି ନେଇ ଉକ୍ତ ମଣ୍ଡଳରେ ଭୂମାଙ୍କ ସହ ନିତ୍ୟ ଲୀଳା କରୁଛନ୍ତି । ଏଠାରେ ବାରୁଣୀଙ୍କର ଏକହଜାର ଅଂଶୁ ଜ୍ୟୋତି ବିଚ୍ଛୁରିତ ହୋଇ ରହିଛି । ଏହି ବ୍ରହ୍ମଅଂଶୁ ସପ୍ତଲୋକ ପଥ ଦେଇ ମର୍ତ୍ତ୍ୟଧାମର ତୀର୍ଥ, ପୀଠ, ଗୁରୁପୀଠ, ଧାମ, ମହିମା ପୀଠ, ବଟକ୍ଷେତ୍ର, ମହିମାସୃଷ୍ଟ ଦେବତା ମନ୍ଦିର ଆଦି ପବିତ୍ର ସ୍ଥାନ ମାନଙ୍କରେ ପ୍ରବେଶ କରେ । ତେଣୁ ସେହି ସ୍ଥାନରେ ବାରୁଣୀଙ୍କର କୃପା ସର୍ବଦା ପୂର୍ଣ୍ଣ ହୋଇ ରହିଲା ।

| | | |
|---|---|---|
| ତିଥି, ନକ୍ଷତ୍ର, ବାର ଯୋଗ | । ତୀର୍ଥରେ ସ୍ନାନ କାଳ ଭୋଗ | ।। |
| ବ୍ରହ୍ମ ଆଦେଶ ଆଜ୍ଞା ନେଇ | । ବାରୁଣୀ ଅଂଶୁ ଯାଏ ତହିଁ | ।। |
| ଯାହାର ଯେଉଁ ଭାବ ଥାଏ | । ଆଶିଷ ସେହିପରି ଦିଏ | ।। |
| ତେଣୁ ସମସ୍ତ ତୀର୍ଥ ସ୍ଥାନ | । ଅକ୍ଷୟ କୀର୍ତ୍ତିରେ ମହାନ | ।। |
| ଅମ୍ଳାନ ହୋଇ ରହିଅଛି | । ସ୍ନାନାଦି ଫଳ ଦେଉଅଛି | ।। |

ଶାସ୍ତ୍ରରେ ଆଲୋଚିତ ତୀର୍ଥ ସ୍ନାନ ସମୟରେ ତିଥି, ନକ୍ଷତ୍ର, ବାର ଆଦି ଯୋଗ ଅନୁସାରେ ବାରୁଣୀଙ୍କ ସୂକ୍ଷ୍ମ ଅଂଶୁ ସେଠାରେ ଉପସ୍ଥିତ ହୋଇ ସ୍ନାନ କରୁଥିବା ବ୍ୟକ୍ତିର ଭାବ ଅନୁସାରେ ଆଶିଷ ପ୍ରଦାନ କରନ୍ତି । ତେଣୁ ଦେବୀମାନେ ବୈକୁଣ୍ଠକୁ ଫେରି ଯାଇଥିଲେ ମଧ୍ୟ ନଦୀ ଧାରର ପବିତ୍ରତା, ତୀର୍ଥର ମହାନତା ଅମ୍ଳାନ, ଅକ୍ଷୟ ହୋଇ ରହିଅଛି ।

| | | |
|---|---|---|
| ଚୈତ୍ରରକୃଷ୍ଣ ତ୍ରୟୋଦଶୀ | । କୁମ୍ଭରେ ପ୍ରକାଶିତ ଶଶୀ | ।। |
| ନକ୍ଷତ୍ର ଶତଭିଷା ନାମ | । ନିର୍ମିତ ବାରୁଣୀଙ୍କ ଧାମ | ।। |
| ଏ ଦିନ ପ୍ରାତ ସମୟରେ | । ଯେ ତୀର୍ଥ ସ୍ନାନକୁ ଆଚରେ | ।। |
| ବାରୁଣୀ ସ୍ନାନ ତାକୁ କହି | । ସ୍ନାନେ ଅଲଭ୍ୟ ଫଳ ପାଇ | ।। |
| ଏହି ନକ୍ଷତ୍ର ସଂଗେ ଶନି | । ବାରଟି ଯଦି ଯୁକ୍ତ ଜାଣି | ।। |
| ମହାବାରୁଣୀ ଯୋଗ ହୁଏ | । ସ୍ନାନେ ବୈକୁଣ୍ଠ ପ୍ରାପ୍ତ ହୁଏ | ।। |
| ଏ ଦିନ ପୂତପର୍ଣ୍ଣା ଭୂମା | । ମଣ୍ଡଳୁ ବରୁଣଙ୍କ ବାମା | ।। |
| ସହସ୍ର ଅଂଶୁ ବିରାଜନ୍ତି | । ମର୍ତ୍ତ୍ୟେ ତୀର୍ଥରେ ପ୍ରକାଶନ୍ତି | ।। |

ଚୈତ୍ରମାସର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି, ଶତଭିଷା ନକ୍ଷତ୍ର ସହିତ କୁମ୍ଭରେ ଚନ୍ଦ୍ରସ୍ଥିତ, ଶନିବାରରେ ବାରୁଣୀଙ୍କ ପୂତପର୍ଣ୍ଣା ମଣ୍ଡଳ ସୃଷ୍ଟି ହୋଇଥିଲା । ତେଣୁ ଶତଭିଷା ନକ୍ଷତ୍ରକୁ ମଧ୍ୟ ବାରୁଣୀ ବୋଲି କହିଥାନ୍ତି । ଏହି ଦିନକୁ ସେଥିପାଇଁ ମହାବାରୁଣୀ ଯୋଗ ବୋଲି କହନ୍ତି । ଏହି ଦିନ ବାରୁଣୀ ସହସ୍ର ଅଂଶୁରେ ପୂର୍ଣ୍ଣ ହୋଇ ସର୍ବଲୋକ ତଥା ମର୍ତ୍ତ୍ୟର ସକଳ ତୀର୍ଥ ଧାମ, ପୀଠ ଇତ୍ୟାଦିରେ ପ୍ରକାଶିତ ହୋଇଥାନ୍ତି ଓ ତାଙ୍କର କୃପା ପୂର୍ଣ୍ଣଭାବରେ ସେହି ପବିତ୍ର ସ୍ଥାନମାନଙ୍କରେ ବିଚ୍ଛୁରିତ ହୋଇଥାଏ । ତେଣୁ ଏହିଦିନ ବିଶ୍ୱାସ ଓ ଭକ୍ତି ମନନେଇ ଯେଉଁ ବ୍ୟକ୍ତି ତୀର୍ଥ ସ୍ନାନ

କରିଥାଏ ସେ ଅନନ୍ତଫଳ ପ୍ରାପ୍ତ ହୋଇ ଶେଷରେ ବୈକୁଣ୍ଠରେ ସ୍ଥାନ ପାଏ । ଯଦି ଶତଭିଷା ନକ୍ଷତ୍ର ସହ ଶନିବାର ଯୋଗ ନ ହୋଇଥାଏ ତେବେ ତାହାକୁ କେବଳ ବାରୁଣୀ ସ୍ନାନଯୋଗ ବୋଲି କହନ୍ତି । ଏହି ଦିବସ ସ୍ନାନ ମଧ ଦୁର୍ଲଭ ଫଳ ପ୍ରଦାନ କରି ଜନ୍ମଜନ୍ମାନ୍ତର ପାପ ଧ୍ୱଂସ କରିଥାଏ ।

ପ୍ରଭୁଙ୍କ ଶ୍ରୀମୁଖରୁ ବାରୁଣୀ ସଂପର୍କିତ ଅଧରାମୃତ ପାନକରି ଜିଜ୍ଞାସୁ ପୁନଶ୍ଚ ଅଳିକଲା :

| | | |
|---|---|---|
| ହେ ପ୍ରଭୁ ମହିମା ସାଗର | । ଦୟା କ୍ଷମାର ପାରାବାର | ॥ |
| କହିଲ ବାରୁଣୀ ମହିମା | । କୃପାର ତାଙ୍କ ନାହିଁ ସୀମା | ॥ |
| ଯୋଗରବିନା ସେ ଅଜଣା | । ସର୍ବେ ହୁଅନ୍ତି ବାଟ ବଣା | ॥ |
| ଯୋଗୀ କିପରି ଦେଖିପାରେ | । ଅନୁଭବରେ ଜାଣିପାରେ | ॥ |
| ଦର୍ଶନେ କେଉଁ ଫଳ ପାଏ | । ମନ ମୋ ବ୍ୟାକୁଳିତ ହୁଏ | ॥ |
| କରୁଣା କରି କହିଦିଅ | । ମନୁ ସନ୍ଦେହ ଫେଡିଦିଅ | ॥ |

ହେ ପ୍ରଭୁ ମହିମା ସାଗର ! ବାରୁଣୀଙ୍କ ଅପାର ମହିମା ଶ୍ରୀମୁଖରୁ ଶ୍ରବଣ କରି ଧନ୍ୟ ହୋଇଗଲି । କିନ୍ତୁ ମନରେ ଅବଶୋଷ ରହିଯାଉଛି । କାରଣ ଯୋଗୀର ସମାଧି ଅବସ୍ଥା ବ୍ୟତୀତ ତାଙ୍କୁ ଅନୁଭବ କରିବା ସମ୍ଭବ ନୁହେଁ ବୋଲି କହିଲ । ଯୋଗୀ କିପରି ପିଣ୍ଡରେ ତାଙ୍କର ଦର୍ଶନ କରେ ? ଦର୍ଶନ ପରେ କେଉଁ ଫଳ ପ୍ରାପ୍ତ ହୁଏ ? କରୁଣାକରି ବୁଝାଇ ଦିଅ ।

କରୁଣାମୟ ଠାକୁରେ କହିଲେ :

| | | |
|---|---|---|
| ସେ ତତ୍ତ୍ୱ ଅତୀବ କଠିନ | । ସାଧନ ସୂତ୍ରେ ଦେଲେ ମନ | ॥ |
| ପିଣ୍ଡତତ୍ତ୍ୱରେ ଜାଣି ହୁଏ | । ଧ୍ୟାନରେ ସବୁ ଦେଖାଯାଏ | ॥ |
| ପିଣ୍ଡରେ ଥିବା ଜଳଭାଗ | । ମାୟାର ସ୍ନାୟୁକୋଷ ମାର୍ଗ | ॥ |
| ଆୟତ୍ତ କରି ରଖିଥାଏ | । ସ୍ୱଧୀୟ ସ୍ନାୟୁ ବାନ୍ଧିଥାଏ | ॥ |
| ସ୍ୱଧୀୟେ ସତ୍ତ୍ୱ ରଜ ତମ | । ସ୍ୱାଧୀ ପ୍ରକୃତି ପାଇଁ ବାମ | ॥ |
| ବନ୍ଧନ କରି ରଖିଥାଏ | । ଜୀବ ଚେତନ ହଜିଥାଏ | ॥ |

ସାଧକ ଯୋଗୀ ଯୋଗାଭ୍ୟାସେ । ପ୍ରକୃତି ସଂଯମ ଅଭ୍ୟାସେ ॥
ଯଦି ସଂଯମ ପ୍ରାପ୍ତ ହୁଏ । ପିଣ୍ଡରେ ତେଜ ସୃଷ୍ଟି ହୁଏ ॥
ସେହି ତେଜର ପ୍ରଭାବରେ । ଦୂଷିତ ଜଳୀୟ କଣାରେ ॥
ବାଷ୍ପ ସର୍ଜନା ହୋଇଯାଏ । ବାୟୁମଣ୍ଡଳେ ଚାଲିଯାଏ ॥
ଯେ ବେଳେ ଏହି କ୍ରିୟା ହୁଏ । ତାକୁ ବାରୁଣୀ ଯୋଗ କହେ ॥
ପିଣ୍ଡୁ ଦୂଷିତ ଜଳରାଶି । ଯେ ବେଳେ ବାଷ୍ପରେ ପ୍ରକାଶି ॥
ତାହାକୁ ତୀର୍ଥ ସ୍ନାନ କହି । ଯହିଁରେ ଶୁଦ୍ଧତା ଆସଇ ॥
ଦୂଷିତ ନିର୍ଗତ ହୋଇଲେ । ପଣ୍ଡ ନିର୍ମଳ ହୋଇଗଲେ ॥
ସ୍ୱଧୀୟ ସ୍ନାୟୁ ଗୁଣତ୍ରୟ । ହୁଅନ୍ତି ବିଧାନରେ ଥୟ ॥
ସ୍ୱାଧୀ ପ୍ରକୃତି ନିୟନ୍ତ୍ରିତ । ସଂଯମେ ହେଇଯାନ୍ତି ସ୍ଥିତ ॥
ଏହି ସମୟେ ସେ ସ୍ୱଧୀୟ । ସ୍ୱଚ୍ଛ ନିର୍ମଳ ଯୁକ୍ତ ଦେହ ॥
ଗୋଲାପରଙ୍ଗ ଜ୍ୟୋତି ନେଇ । ପିଣ୍ଡ ମଧ୍ୟରେ ବିରାଜଇ ॥
ଦୂଷିତ କୁଭାବ କୁଚିନ୍ତା । ଚକ୍ରୀ ଭାବନା ଓ ଦୁଶ୍ଚିନ୍ତା ॥
ଆପେ ଦମନ ହୋଇଯାନ୍ତି । ପିଣ୍ଡର ସେ ସ୍ୱାଧୀ ପ୍ରକୃତି ॥
ପବିତ୍ର ଜଳଭାଗେ ରହି । ନିରୀହ ସରଳ ଯେ ହୋଇ ॥
ପୂତପର୍ଣ୍ଣା ଯେ ବ୍ରହ୍ମଭୂମା । ଆବର ବରୁଣଙ୍କ ବାମା ॥
ଏ ବେଳେ ଦିଅନ୍ତି ଦର୍ଶନ । କରନ୍ତି ଆଶିଷ ପ୍ରଦାନ ॥
ସେହି ଆଶିଷ ଶକ୍ତି ବଳେ । ଆତ୍ମା ତା' ରହଇ ନିଷ୍ଠଳେ ॥
କ୍ରମରେ ସମାଧିସ୍ଥ ହୁଏ । ପରଂବ୍ରହ୍ମଙ୍କୁ ପ୍ରାପ୍ତ ହୁଏ ॥
ଏହାକୁ ସ୍ନାନ ଫଳ କହି । ସଂକ୍ଷେପେ ଦେଲି ମୁଁ ବୁଝାଇ ॥

ପିଣ୍ଡମଧ୍ୟରେ ଏହି ତତ୍ତ୍ୱ ଅତୀବ କଠିନ, ଅବୋଧ ଅଟେ । କଠୋର ସାଧନ ସୂତ୍ରରେ ମଜ୍ଜିରହିଲେ ଜାଣିହୁଏ । ପିଣ୍ଡରେ ଥିବା 'ଜଳୀୟ ଅଂଶ' ମାୟାର ସ୍ନାୟୁକୋଷକୁ ଆୟତ୍ତ କରି ରଖିଥାଏ । ଫଳରେ ସ୍ୱଧୀୟ ସ୍ନାୟୁରେ ଥିବା ଗୁଣତ୍ରୟ ସତ୍ତ୍ୱ, ରଜ, ତମର ଭାବ ସ୍ୱାଧୀ ପ୍ରକୃତିକୁ ଦୂଷିତ କରିଦିଏ । ସାଧକ ଯୋଗୀ

ଯେତେବେଳେ ପ୍ରକୃତି ସଂଯମ ଅଭ୍ୟାସ କରି ସାଧନ କରେ, ପୂତପର୍ଣ୍ଣା ଭୂମାଙ୍କ ଆଶିଷରେ ଶରୀରରେ ତେଜ ସୃଷ୍ଟି ହୁଏ । ସେହି ତେଜର ପ୍ରଭାବରେ ପିଣ୍ଡସ୍ଥ ଦୂଷିତ ଅଂଶ ବାଷ୍ପରେ ପରିଣତ ହୋଇ ବାୟୁମଣ୍ଡଳକୁ ଚାଲିଯାଏ । ଏହାକୁ ପିଣ୍ଡରେ ତୀର୍ଥସ୍ନାନ କହନ୍ତି । ଯେତେବେଳେ ପୂତପର୍ଣ୍ଣା ଭୂମାଙ୍କ ଆଶୀର୍ବାଦରେ ଏହି ସଂସ୍କାର କାର୍ଯ୍ୟ ପିଣ୍ଡରେ ଚାଲେ, ତାହାକୁ ବାରୁଣୀ ଯୋଗ କହନ୍ତି । ତୀର୍ଥସ୍ନାନ ରୂପକ ଶୋଧନ କ୍ରିୟାରେ ପିଣ୍ଡର ଦୂଷିତ ଜଳୀୟ ଅଂଶ ନିର୍ଗତ ହୋଇଗଲେ ପିଣ୍ଡ ନିର୍ମଳ ସ୍ୱଚ୍ଛ ହୋଇଯାଏ । ସ୍ୱଧୀୟ ସ୍ନାୟୁ ପବିତ୍ର ହୋଇ ସ୍ୱାଧୀ ପ୍ରକୃତି ସଂଯମ ହୋଇଯାଏ । ଏହି ସମୟରେ ସ୍ୱଧୀୟ ସ୍ନାୟୁ ଗୋଲାପରଙ୍ଗ ଜ୍ୟୋତି ନେଇ ବିରାଜିତ ହୁଏ । ଦୂଷିତ ଭାବ, କୁଚିନ୍ତା, ଚକ୍ରୀଭାବନା ଦୁଶ୍ଚିନ୍ତା ଆଦି ଆପେ ଆପେ ଦମନ ହୋଇଯା'ନ୍ତି । ଏହି ଅବସ୍ଥାରେ ଯୋଗୀ ପୂତପର୍ଣ୍ଣା ଭୂମା ଓ ବରୁଣଙ୍କ 'ଦାମା ବାରୁଣୀଙ୍କ ଦର୍ଶନ ପାଏ, ଆଶୀର୍ବାଦ ଲାଭକରେ । ସେହି ଆଶିଷ ବଳରେ କ୍ରମେ ଯୋଗୀ ସମାଧିସ୍ଥ ହୁଏ ଓ ପରଂବ୍ରହ୍ମଙ୍କୁ ପ୍ରାପ୍ତ ହୁଏ । ଏହାକୁ ପିଣ୍ଡତତ୍ତ୍ୱରେ ବାରୁଣୀଯୋଗର ତୀର୍ଥ ସ୍ନାନ ଫଳ ବୋଲି କହନ୍ତି ।

ଯୁଗର ପୂଣ୍ୟବଳ ନେଇ । ବାରୁଣୀ ବର୍ଣ୍ଣ ବଦଳଇ ॥
ସତ୍ୟରେ ଧବଳ ବରନ । ତ୍ରେତାରେ ସେହୁ ନୀଳବର୍ଣ୍ଣ ॥
ଦ୍ୱାପରେ ଗୈରୀକ ହୁଅନ୍ତି । କଳିରେ ହରିଦ୍ରାରେ ଥାନ୍ତି ॥
ସ୍ନାନ ସମୟ ତିଥି ଭାବ । ଜୀବର ଅବସ୍ଥା ସ୍ୱଭାବ ॥
ଚକଳ ବିଚାରକୁ ନେଇ । ଧୂସର ବର୍ଣ୍ଣ ହୋଇଥାଇ ॥
ସତ୍ୟ ତ୍ରେତୟା ଦ୍ୱାପରର । ତୀର୍ଥରେ ସ୍ନାନ ଉପଚାର ॥
ପିଣ୍ଡର ପ୍ରାଣ ଶକ୍ତି ନେଇ । ସଦା ସତେଜ ଥାନ୍ତି ରହି ॥
ସତ୍ୟେ ପିଣ୍ଡର ପ୍ରାଣଶକ୍ତି । ମସ୍ତକ ମଜ୍ଜାରେ ଥାଆନ୍ତି ॥
ତ୍ରେତାରେ ଅସ୍ଥି ମଜ୍ଜା ମଧ୍ୟେ । ଦ୍ୱାପରେ ରହେ ଅସ୍ଥି ମଧ୍ୟେ ॥
କଳିରେ ଚର୍ମ ତଳେ ଥାଇ । ତେଣୁ ସାଧନ ଯୁଗ ନୋହି ॥
ଯୁଗର ଏହି ବିବର୍ତ୍ତନ । ବାରୁଣୀ ରଙ୍ଗ ହୁଏ ଭିନ୍ନ ॥
ପୂର୍ବଯୁଗରେ ସ୍ଥୂଳସ୍ନାନ । ଆଚରୁ ଥିଲେ ସ୍ୱଚ୍ଛ ଜନ ॥

ବହୁଳ ପିଣ୍ଡତତ୍ତ୍ୱେ ରସି । ଧାନରେ ନିଶ୍ଚଳେ ନିବେଶି ॥
କରୁଥିଲେ ସେ ତୀର୍ଥସ୍ନାନ । ଫଳ ପ୍ରାପ୍ତିରେ ଦୃଢମନ ॥
ମନ୍ତ୍ରରେ ସ୍ନାନ କରି ଜୀବ । ପ୍ରାପ୍ତ ହୁଅଇ ମହାଭାବ ॥
କଳିରେ ସବୁ ବିପରୀତ । ମନ୍ତ୍ରରେ ସ୍ନାନ ହୁଏ ବ୍ୟର୍ଥ ॥
ତେଣୁ କେବଳ ସ୍ଥୂଳସ୍ନାନ । ସାମାନ୍ୟ ଫଳ ପାଏ ଜନ ॥

ଯୁଗର ପୂଣ୍ୟବଳ ନେଇ ବାରୁଣୀଙ୍କର ବର୍ଣ୍ଣ ପରିବର୍ତ୍ତନ ହୁଏ । ସତ୍ୟଯୁଗରେ ତାଙ୍କର ବର୍ଣ୍ଣ ଧବଳ, ତ୍ରେତାରେ ନୀଳ, ଦ୍ୱାପରରେ ଗୈରୀକ ଓ କଳିରେ ହରିଦ୍ରା ବର୍ଣ୍ଣ ହୋଇଥାଏ । ସ୍ନାନ ସମୟରେ ତିଥି ଭାବକୁ ନେଇ ସେ ଧୂସର ବର୍ଣ୍ଣ ଧାରଣ କରିଥାନ୍ତି । ଯୁଗାନୁସାରେ ପିଣ୍ଡସ୍ଥ ପ୍ରାଣଶକ୍ତିର ସ୍ଥିତିକୁ ନେଇ ବାରୁଣୀ ତୀର୍ଥସ୍ନାନ ଫଳ ପ୍ରାପ୍ତ ହୋଇଥାଏ । ସତ୍ୟଯୁଗରେ ପ୍ରାଣଶକ୍ତି ସହସ୍ରାରଚକ୍ରସ୍ଥିତ ମଜ୍ଜାମଧ୍ୟରେ ଥାଏ । ତ୍ରେତାରେ ଅସ୍ଥିମଧ୍ୟସ୍ଥ ମଜ୍ଜା, ଦ୍ୱାପରରେ ଅସ୍ଥିରେ ରହେ । କଳିରେ ପ୍ରାଣଶକ୍ତି ଚର୍ମତଳେ ରହିଥାଏ । ତେଣୁ ସାଧନକ୍ଷମ ହୋଇପାରେ ନାହିଁ । ପୂର୍ବଯୁଗରେ ସ୍ଥୂଳସ୍ନାନ ଖୁବ୍ କମ୍ ବ୍ୟକ୍ତି କରୁଥିଲେ । କାରଣ ପ୍ରତିଦିନ ମନ୍ତ୍ରସ୍ନାନ କରି ପିଣ୍ଡତତ୍ତ୍ୱରେ ସେମାନେ ତୀର୍ଥସ୍ନାନ ଫଳ ପାଉଥିଲେ । କିନ୍ତୁ କଳିଯୁଗରେ ମନ୍ତ୍ରସ୍ନାନ ସଂପୂର୍ଣ୍ଣ ନିଷ୍ଫଳ ହେଉଅଛି । ତେଣୁ କେବଳ ସ୍ଥୂଳସ୍ନାନ ଦ୍ୱାରା କିଂଚିତ୍ ଫଳ ପ୍ରାପ୍ତି ହୁଏ ।

ଅଦ୍ୟାବଧି ଧରାପୃଷ୍ଠକୁ ଆସିନଥିବା ପିଣ୍ଡ ବାରୁଣୀ ତୀର୍ଥ ଓ ବାରୁଣୀଙ୍କ ମଣ୍ଡଳୀୟ ଜ୍ଞାନତତ୍ତ୍ୱ ପ୍ରଭୁଙ୍କ ଶ୍ରୀମୁଖରୁ ଶ୍ରବଣ କରି ସେବକ ନିଜକୁ ଧନ୍ୟ ମନେ କଲା । ବାରମ୍ବାର ସ୍ତୁତି ପ୍ରାର୍ଥନା କଲା । ଶେଷରେ ଭକ୍ତିପୂତ ମନରେ ଜିଜ୍ଞାସା କଲା :

ହେ ନାଥ ଅଗତିର ଗତି । ତୁମ ବିହୁନେ ନାହିଁ ସ୍ଥିତି ॥
ନିଜ ଇଚ୍ଛାରେ ନିଜ ଖେଳା । ବୁଝିବ କିଏ ତୁମ ଲୀଳା ॥
ବାରୁଣୀ ତୀର୍ଥ ନଦୀ ସ୍ନାନ । କରୁଣା ବଳେ ଉନ୍ମୋଚନ ॥
କରିଲ ଆହେ ପ୍ରାଣଈଶ । କଟିଲା ମହୁ ମୋର ବିଷ ॥
ଏଥର ସ୍ୱାମୀ କୃପା କର । ଏ ଯେଉଁ ଯଜ୍ଞ ଇନ୍ଦ୍ରପୁର ॥
କୈବଲ୍ୟ ବିଶ୍ୱଶାନ୍ତି ପାଇଁ । କାହାକୁ କହନ୍ତି ଗୋସାଇଁ ॥

ତା ସହ ବାରୁଣୀର ତୀର୍ଥ । କିସ ବା ଅଟେ ଯାର ଅର୍ଥ ॥
କିପାଇଁ ଇନ୍ଦୁପୁରେ ହୁଏ । ରହସ୍ୟ ବୁଝିତ ନହୁଏ ॥
କାରଣ ଖୋଲି କହିଦିଅ । ଦୀନଜନରେ କୃପା ଦିଅ ॥

ହେ ପ୍ରଭୁ ! ତୁମେ ନିଜେ ନିଜ ଇଚ୍ଛାରେ ଖେଳା ଲୀଳା କରୁଛ । କିଏ ବା ତା'ର ରହସ୍ୟ ବୁଝିବ ? ତୀର୍ଥସ୍ନାନ, ବାରୁଣୀଯୋଗ ଓ ତୀର୍ଥସ୍ନାନ ଫଳ ସଂପର୍କରେ ବର୍ଣ୍ଣନା କରି ଆମକୁ ଧନ୍ୟ କରିଦେଲ । କିନ୍ତୁ ଉକ୍ତ ଇନ୍ଦୁପୁରରେ ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ କାହିଁକି ହେଉଛି ? ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ କେଉଁ କୈବଲ୍ୟ ଆବାହିତ ହେଉଛନ୍ତି ? ତତ୍‌ସହିତ ବାରୁଣୀ ତୀର୍ଥର କି ସାମଞ୍ଜସ୍ୟ ଅଛି ଦୟାକରି କହିଦିଅ । ସେ ଅମୃତ ଗାଥା ଶୁଣି ଏ ଜନ୍ମ ଜୀବନ ସାର୍ଥକ ହୋଇଯାଉ ।

ମନ୍ଦମନ୍ଦ ହସି ଭକ୍ତବତ୍ସଳ ଠାକୁରେ କହିଲେ :

ଏହି ଯେ ସ୍ଥାନ ଇନ୍ଦୁପୁର । ତ୍ରିବେଣୀ ସଂଗମର ଧାର ॥
ସତ୍ୟକୁ ପ୍ରାରମ୍ଭିକ ପୀଠ । ଅନେକ ଥିଲା ଋଷିମଠ ॥
ଗଂଗା ଏଠାରେ ଗୁପ୍ତସ୍ରୋତା । ପାତାଳୀ ଭାବେ ହୋଇଥିତା ॥
ଅଶେଷ କିରଣ ବିଖ୍ୟନ୍ତି । ପାତକୀ ପାପକୁ ହରନ୍ତି ॥
ବ୍ରାହ୍ମଣୀ ନାମେ ସରସ୍ୱତୀ । ଲବଣ ସମୁଦ୍ରକୁ ଗତି ॥
ଉଭୟ ମହିମା ଅପାର । ଝରଣା ଅଟନ୍ତି କୃପାର ॥
ମିଳନ ଦୁଇ ସଖୀଙ୍କର । ଦେବମାନବେ ଅଗୋଚର ॥
ବିରୁପାକ୍ଷ ଓ ମହାନନ୍ଦା । ରାକ୍ଷସ ଦୁଇ ମହାଯୋଦ୍ଧା ॥
ଦାନବକୁଳେ ଜନ୍ମ ନେଇ । ମାମୁଁ ଭଣଜା ଭାବେ ରହି ॥
ଉଭୟ ବିଷ୍ଣୁଭକ୍ତ ଥିଲେ । ବିଷ୍ଣୁ ତେଜରେ ପ୍ରକାଶିଲେ ॥
କରିଲେ ନାନା ଅତ୍ୟାଚାର । ଜୀବେ ରଚିଲେ ହାହାକାର ॥
ତା' ଦେଖି ପ୍ରଭୁ ଲକ୍ଷ୍ମୀପତି । ମିଳିଲେ ଭକତଙ୍କ କତି ॥
ବୁଝାଇ କହିଲେ ଅନେକ । ଖୋଲିଲେ ପାପକର୍ମ ଯାକ ॥
ଶେଷରେ ଅନୁତାପ କଲେ । ଭକ୍ତିରେ ବିଷ୍ଣୁଙ୍କୁ ପୂଜିଲେ ॥

ସନ୍ତୁଷ୍ଟ ହେଲେ ଭଗବାନ । ଯାଚିଲେ ତାଙ୍କୁ ବରଦାନ ॥
ଆକୁଳମନେ ଦୈତ୍ୟଦୁଇ । ମାଗିଲେ ଯିବେ ନଦୀ ହୋଇ ॥
ବିଷ୍ଣୁ ଅଂଗର ତେଜ ନେଇ । ପୂଣ୍ୟତୀର୍ଥକୁ ସଂଗେ ନେଇ ॥
ପାପୀଙ୍କ ପାପ ଭାର ନେବେ । ଲବଣ ସମୁଦ୍ରେ ମିଶିବେ ॥
ସେଦିନୁ ମହାନଦା ଦୈତ୍ୟ । ମହାନଦୀ ନାମେ ସେ ଖ୍ୟାତ ॥
ଭଣଜା ବିରୂପା ହୋଇଲା । ବିକୃତ ରୂପରେ ବହିଲା ॥

ଇନ୍ଦୁପୁରଠାରେ ଏହି ଯେଉଁ ଯଜ୍ଞ ହେଉଅଛି, ତାହା ଏକ ତ୍ରିବେଣୀ ସଂଗମ ସ୍ଥଳ । ସତ୍ୟଯୁଗରୁ ଏହାର ସୃଷ୍ଟି ହୋଇଥିଲା । ସେତେବେଳେ ଏଠାରେ ଅନେକ ଋଷି ତାଙ୍କର ମଠ ପ୍ରତିଷ୍ଠା କରିଥିଲେ । ଗଙ୍ଗା ଏଠାରେ ପାତାଳୀ ହୋଇ ଗୁପ୍ତ ସଲୀଳା ଭାବରେ ରହିଛନ୍ତି । ସରସ୍ୱତୀ ବ୍ରାହ୍ମଣୀ ନାମ ନେଇ ବହୁଛନ୍ତି । ଗୁପ୍ତରେ ଗଂଗା ଓ ସରସ୍ୱତୀ ଦୁଇସଖୀଙ୍କର ଯେଉଁ ମିଳନ ସ୍ଥଳ ତାହାକୁ ଦେବମାନବ ଜାଣିନାହାନ୍ତି । ବେଦ ପୁରାଣରେ ମଧ୍ୟ ନାହିଁ । ମାତ୍ର ଏହା ସତ୍ୟ । ଯୁଗାନୁକ୍ରମରେ ମହାନଦା ଓ ବିରୁପାକ୍ଷ ନାମରେ ଦୁଇଜଣ ଭୟଙ୍କର ରାକ୍ଷସ ଥିଲେ । ତାଙ୍କ ଅତ୍ୟାଚାରରେ ଜୀବଗଣ ହାହାକାର ହୋଇଗଲେ । କିନ୍ତୁ ଉଭୟ ବିଷ୍ଣୁଭକ୍ତ ଥିବାରୁ ତାଙ୍କୁ କେହି ପରାହତ କରି ପାରିଲେ ନାହିଁ । ଶେଷରେ ବିଷ୍ଣୁ ନିଜେ ଆସି ସେମାନଙ୍କୁ ବୁଝାଇଲେ ଓ ସେମାନଙ୍କ ପାପକର୍ମର ଫଳ ଦେଖାଇଦେଲେ । ସେଥିରେ ଭୟାତୁର ହୋଇ ଅନୁତାପ କଲେ ଏବଂ ଭକ୍ତିରେ ଆରାଧ୍ୟଙ୍କୁ ପୂଜା ସମର୍ପଣ କଲେ । ସେଥିରେ ସନ୍ତୁଷ୍ଟ ହୋଇ ବିଷ୍ଣୁ ବର ଯାଚିଲେ । ଉଭୟ ରାକ୍ଷସ ଅତ୍ୟାଚାରରେ ପାପଯୁକ୍ତ ହୋଇଥିବାରୁ ପାପୀର ଦୁଃଖ ଅନୁଭବକୁ ଆଣି ପୁଣ୍ୟତୋୟା ନଦୀ ଭାବରେ ବହିବାକୁ ବରମାଗିଲେ ଓ ନିଜ ଗର୍ଭରେ ପାପୀଙ୍କର ପାପରାଶିକୁ ବହନ କରି ଲବଣ ସମୁଦ୍ରରେ ମିଶିବାକୁ ଚାହିଁଲେ । ସେହିଦିନୁ ମହାନଦା ମହାନଦୀ ନାମରେ ଓ ବିରୁପାକ୍ଷ ବିରୂପା ନାମରେ ନଦୀ ହୋଇ ବହିବାକୁ ଲାଗିଲେ ।

ବିରୂପା ଗତି ଭୟଙ୍କର । ଲଭିଲା ଶାପ ଜୀବଙ୍କର ॥
ଦୁଃଖରେ ମ୍ରିୟମାଣ ହୋଇ । ସ୍ରୋତରେ ଯାଉଥାଏ ବହି ॥
କାତରେ ଚିନ୍ତେ ଗଙ୍ଗାମାତା । ପୂଣ୍ୟରେ ନୋହେ ସାମରଥା ॥
ରାକ୍ଷସ ଜନ୍ମ ନେଇ କରି । ଅଶେଷ ପାପ ଥିଲି କରି ॥

ପ୍ରଭୁଙ୍କ ଦୟାରେ ବର୍ତ୍ତିଲି । ନଦୀ ରୂପରେ ବହିଗଲି ।।
ତଥାପି ମୋ ଦୁଷ୍ଟ ପ୍ରକୃତି । କରିଲା ଅସ୍ଥିର ମୋ ମତି ।।
ପୁନଶ୍ଚ ଶାପରେ ବୁଡ଼ିଲି । ବିଧିରେ ଅନାଥ ହୋଇଲି ।।
ତୁମେ ମା' ଗୋଲୋକବାସିନୀ । ମୁଁ ତୁମ କନ୍ୟାସମ ଘେନି ।।
କରୁଣାକର ମୋହଠାରେ । ମିଶାଅ ମୋତେ ତୁମ ନୀରେ ।।
ହେଉ ମୋ ପାପର ବିନାଶ । ତୁମରି ନୀରେ ହୁଏ ଶେଷ ।।
ସନ୍ତାନ ବତ୍ସଳା ଜନନୀ । ଗଙ୍ଗା ସେ ପତିତ ପାବନୀ ।।
ଶୁଣିଲେ ବିରୂପା କ୍ରନ୍ଦନ । ମିଳିଲେ ତାପାଶେ ବହନ ।।
ସ୍ନେହରେ ଆଲିଙ୍ଗନ କଲେ । ସକଳ ପାପ ଧୌତ କଲେ ।।
ମିଶାଇଦେଲେ ନିଜ ସ୍ରୋତେ । ଅଜାଡ଼ି ଦେଲେ ପୁଣ୍ୟଯେତେ ।।
ଏ ଯେଉଁ ମିଳନ ହୋଇଲା । ଇନ୍ଦୁପୁରରେ ଲୀନ ହେଲା ।।
ଗଙ୍ଗା ଓ ସରସ୍ୱତୀ ସଂଗେ । ବିରୂପା ମିଶି ଭକ୍ତିରଙ୍ଗେ ।।
ହୋଇଲା ତ୍ରିବେଣୀ ସଂଗମ । ମହାପୁଣ୍ୟର ତୀର୍ଥ ଧାମ ।।

ବିରୂପାର ଗତି ଅତି ଭୟଙ୍କର ହେଲା । ତାହାର ପ୍ରକୋପରେ ଅନେକ କ୍ଷତ ବିକ୍ଷତ ହୋଇଥିବା ଜୀବଜଗତଙ୍କ ଶାପରେ ବୁଡ଼ିଗଲା । ପୁନଶ୍ଚ ନିଜର ଅତ୍ୟାଚାର ଯୋଗୁଁ ଅନୁତାପ କରି ଦୁଃଖରେ ମ୍ରିୟମାଣ ହୋଇ ଗଙ୍ଗାମାତାଙ୍କୁ ସ୍ମରଣ କଲା ଓ ତାଙ୍କ ସହ ମିଶାଇ ଦେଇ ତାଙ୍କୁ ମୁକ୍ତ କରିବାପାଇଁ ପ୍ରାର୍ଥନା କଲା । ସେ ମଧ ବିଷ୍ଣୁଅଂଶରେ ବିଷ୍ଣୁଭକ୍ତ ଥିଲା । ତାହାର କାତର ପ୍ରାର୍ଥନାରେ ସନ୍ତୁଷ୍ଟା ହୋଇ ଗଙ୍ଗାମାତା ତାଙ୍କୁ ଆଲିଙ୍ଗନ କଲେ ଓ ତାହାର ଇଚ୍ଛାନୁଯାୟୀ ତାହାକୁ ନିଜର ଗୁପ୍ତ ଧାରରେ ମିଶାଇଦେଲେ । ଏହି ମିଳନ ପର୍ବ ଏହି ସ୍ଥଳରେ ହିଁ ହୋଇଥିଲା । ପୂର୍ବରୁ ବ୍ରାହ୍ମଣୀ (ସରସ୍ୱତୀ), ଓ ଗଙ୍ଗା ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବିରୂପା ମିଶିଗଲେ । ତେଣୁ ଏହିସ୍ଥାନ ଏକ ତ୍ରିବେଣୀ ସଂଗମର ମର୍ଯ୍ୟାଦା ଲାଭକଲା ।

ଏ ଯେଉଁ ତ୍ରିଧାରା ମିଳନ । ହୋଇଲା ପୂର୍ଣ୍ଣିମାର ଦିନ ।।
ବୈଶାଖ ମହାପୁଣ୍ୟ ମାସ । ଚନ୍ଦନ ପୂର୍ଣ୍ଣିମାର ବେଶ ।।
ଗଂଗାଙ୍କ ଦର୍ଶନକୁ ପାଇ । ବିରୂପା ଗଲା ଗଂଗା ହୋଇ ।।
ସେଦିନୁ ନାମ ଇନ୍ଦୁପୁର । ହୋଇଛି ଏହି ସ୍ଥାନଟିର ।।

ଯେଉଁଦିନ ବିରୂପା ଏଠାରେ ମିଶିଗଲା ସେଦିନ ବୈଶାଖ ପୂର୍ଣ୍ଣିମା ହୋଇଥିଲା । ସେହି ସ୍ମାରକରେ ସ୍ଥାନଟିର ନାମ ଇନ୍ଦ୍ରପୁର ହୋଇଥିଲା ।

କାଳର କଷଟି ପଥରେ । ଯୁଗର ବିବର୍ତ୍ତନ ପରେ ॥
ଅନେକ ରୂପ ବଦଳିଛି । ଅନେକ ନାମକୁ ବହିଛି ॥
ତଥାପି ମୂଳ ନାମ ତାର । ରହିଛି ରହିବ ଏ ସାର ॥

କାଳର କଷଟି ପଥରେ ଓ ଯୁଗର ବିବର୍ତ୍ତନ ବାଦରେ ସ୍ଥାନର ଅନେକ ପରିବର୍ତ୍ତନ ହୋଇଛି । ଭିନ୍ନ ସମୟରେ ବିଭିନ୍ନ ନାମ ଧାରଣ କରିଛି । କିନ୍ତୁ ମୂଳନାମଟି ଅକ୍ଷୁର୍ଣ୍ଣ ରହିଯାଇଛି ଓ ରହିବ ମଧ୍ୟ ।

ଚୈତ୍ରର କୃଷ୍ଣତ୍ରୟୋଦଶୀ । ଶତଭିଷା ନକ୍ଷତ୍ର ଶଶୀ ॥
ପୂତପର୍ଣ୍ଣା ଭୂମା ମଣ୍ଡଳ । ବାରୁଣୀ ଅଂଶୁ ମାଳମାଳ ॥
ଝରିଲା ଏହି ତୀର୍ଥସ୍ଥାନେ । ବାରୁଣୀ ତୀର୍ଥ ଥିଲା ଦିନେ ॥
ଯୁଗ ପରିବର୍ତ୍ତନ ଚକ୍ରେ । ପ୍ରତିଷ୍ଠା କାର୍ଯ୍ୟ ଘାଟ ସୂତ୍ରେ ॥
ଏ ଯାଏ ହୋଇ ପାରିନାହିଁ । କିନ୍ତୁ ବାରୁଣୀ ଫଳ ଥାଇ ॥
କଳିର ପ୍ରଭାବ ପ୍ରବଳ । ଜୀବର ନାହିଁ ଥଳକୂଳ ॥
ମନ୍ତ୍ର ସ୍ନାହାନ ଫଳ ନାହିଁ । ଦେବ ପୂଜନେ ମନ ନାହିଁ ॥
ଅନ୍ୟାୟ ଅନୀତି ଫଳରେ । ସଢ଼ୁଛି ଜୀବ କାତରରେ ॥
ବ୍ରହ୍ମକୈବଲ୍ୟ ପ୍ରାପ୍ତି ବିନା । ନାହିଁ ତାହାର ମୁକ୍ତି ସିନା ॥
ସେ ପାଇଁ ସେ ଭୂମାବିଭୂତି । କୈବଲ୍ୟ ମଧ୍ୟେ ତା'ର ସ୍ଥିତି ॥
ନାମ ତା ପୂତପର୍ଣ୍ଣା ଭୂମା । ବାରୁଣୀ ପୂର୍ଣ୍ଣ ଅଂଶେ ବାମା ॥
ତୀର୍ଥ ସ୍ନାହାନ କଇବଲ୍ୟ । ରୂପରେ ହୋଇଛି ଅମୂଲ୍ୟ ॥
ବିଶ୍ୱକଲ୍ୟାଣ କାମନାରେ । କରୁଛି ଆବାହନ ତା'ରେ ॥
ଯଜ୍ଞ ମାଧ୍ୟମେ ଅବତରି । ବାରୁଣୀ ତୀର୍ଥ ଅନୁସରି ॥
ପ୍ରତିଷ୍ଠା ହେବ ପୁଣ୍ୟ ତୀର୍ଥ । ଉନ୍ମୁକ୍ତ ତୀର୍ଥ ସ୍ନାନ ପଥ ॥
ସ୍ନାନ କୈବଲ୍ୟ ରେଣୁ ଧରି । ଅମର କୀର୍ତ୍ତିକୁ ଆଚରି ॥
ଅମ୍ଲାନ ରହିବ ଏ ସ୍ଥାନ । ବ୍ରହ୍ମାଣ୍ଡେ ହୋଇବ ମହାନ ॥
ଏହାହିଁ ଯଜ୍ଞର ରହସ୍ୟ । ଦୃଢରେ ଚିତ୍ତ ତୁ ଉପାସ୍ୟ ॥

ପରବର୍ତ୍ତୀ ପର୍ଯ୍ୟାୟରେ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା

ନକ୍ଷତ୍ର ଯୋଗ ଥାଇ ଏହି ତ୍ରିବେଣୀ ସଂଗମରେ ପୂତପର୍ଣ୍ଣା ଭୂମାମଣ୍ଡଳର ବାରୁଣୀ ଅଂଶୁ ବିଛାଡ଼ି ହୋଇ ପଡିଥିଲା ଏବଂ ବାରୁଣୀ ତୀର୍ଥର ମର୍ଯ୍ୟାଦା ଲାଭ କରିଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯୁଗର ପରିବର୍ତ୍ତନ ଚକ୍ରରେ ଏହି ତୀର୍ଥ ବିଲୁପ୍ତ ହୋଇ ଯାଇଥିଲା । କାରଣ ଘାଟ ନିର୍ମିତ ହୋଇ ପ୍ରତିଷ୍ଠା ହୋଇ ପାରି ନଥିଲା । ଆଜିଯାଏ ତୀର୍ଥ ପ୍ରତିଷ୍ଠା ହୋଇନାହିଁ । କିନ୍ତୁ ବାରୁଣୀ ଅଂଶରେ ବୁଦ୍ଧିମନ୍ତ ହୋଇ ବାରୁଣୀତୀର୍ଥ ଫଳ ଅମ୍ଳାନ ହୋଇ ରହିଛି । କଳିର ପ୍ରଚଣ୍ଡ ପ୍ରଭାବରେ ଜୀବ ଆଜି ଦିଗହରା ହୋଇଛି । ଅନ୍ୟାୟ, ଅନୀତି ପାପ ଭାରରେ ଶରୀର ତା'ର ବ୍ରହ୍ମ ଆଶୀର୍ବାଦ ଧାରଣ କରିବାକୁ ଅନୁପଯୁକ୍ତ ହୋଇଛି । ତେଣୁ ମନ୍ତ୍ରସ୍ନାନ ମଧ୍ୟ ନିଷ୍ଫଳ ହେଉଛି । ସେଥିପାଇଁ ଅହେତୁକ କୈବଲ୍ୟ ମଧ୍ୟରୁ ଶ୍ରେଷ୍ଠ କୈବଲ୍ୟ 'ତୀର୍ଥସ୍ନାନ'ର ଫଳ ପ୍ରାପ୍ତି ପାଇଁ ବାରୁଣୀଅଂଶୁରେ ପୂର୍ଣ୍ଣତା ଲାଭ କରିଥିବା ପୂତପର୍ଣ୍ଣା ମଣ୍ଡଳରୁ ବାରୁଣୀଙ୍କୁ ଆବାହନ କରି ଏହି ବିଶ୍ୱଶାନ୍ତି କୈବଲ୍ୟ ଯଜ୍ଞ ଅନୁଷ୍ଠାନ କରାଉଅଛି । ଏହାଦ୍ୱାରା ବିଶ୍ୱକଲ୍ୟାଣ ତ ହେବ, ତା' ବ୍ୟତୀତ ଯୁଗ ଯୁଗ ପାଇଁ ଅମର କୀର୍ତ୍ତି ଉକ୍ତ ବାରୁଣୀ ତୀର୍ଥର ପ୍ରତିଷ୍ଠା ମଧ୍ୟ ହେବ । ତେଣୁ ଯଜ୍ଞ ସହିତ ବାରୁଣୀ ତୀର୍ଥର ସଂପର୍କ ଅତି ନିବିଡ଼ । ସମୟ ଆସିବ ଯେତେବେଳେ ବ୍ରହ୍ମାଣ୍ଡ ମଧ୍ୟରେ ଏହି ତୀର୍ଥ ଏକ ଶ୍ରେଷ୍ଠ ତୀର୍ଥ ଭାବରେ ପ୍ରତିଷ୍ଠିତ ହୋଇ ଯୁଗ ପ୍ରଳୟରେ ମଧ୍ୟ ଅମ୍ଳାନ ଓ ଅକ୍ଷୁର୍ଣ୍ଣ ହୋଇ ରହିବ । ଏହାହିଁ ଏହି ଯଜ୍ଞର ରହସ୍ୟ ଅଟେ ।

ପ୍ରଭୁଙ୍କ ଠାରୁ ଅଦ୍ଭୁତ ବ୍ରହ୍ମରହସ୍ୟ ଶ୍ରବଣ କରି ସେବକଟି ହତଚକିତ ହୋଇଗଲା । ଆନନ୍ଦରେ ଅଧୀର ହୋଇ ତା'ର ଚକ୍ଷୁରୁ ଆନନ୍ଦାଶ୍ରୁ ବହିଗଲା । ବିନମ୍ର ଭାବରେ ଶ୍ରୀଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି କେବଳ ଏତିକି କହିଲା ।

**ହେ ଇଚ୍ଛାମୟ, ପରମକାରୁଣିକ, ଦୀନବନ୍ଧୁ, ଭକ୍ତବତ୍ସଳ !**

**ତୁମରି ମଂଗଳ ଇଚ୍ଛା ହିଁ ପୂର୍ଣ୍ଣ ହେଉ ।**

**ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!**

ଆମର ଲକ୍ଷ୍ୟ : ଚରମପ୍ରାପ୍ତି